**ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ**

ଯାଜପୁର ଟାଉନ(ଡି.ଏନ.ଏ.): ସ୍ଥାନୀୟ ବିଡି ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ମାତୃଭାଷା ଯେ କୌଣସି ବ୍ୟକ୍ତି ପାଇଁ ଏକ ଶ୍ରେଷ୍ଠ ଉପଲବ୍ଧି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଧାପକ ଦାମୋଦର ବେହେରା, ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଜିର ସମୟରେ ମାତୃଭାଷା ଅନେକ ସଙ୍କଟର ସମ୍ମୁଖୀନ ହୋଇଛି ବୋଲି କହିଥିଲେ । ପ୍ରଧାନଶିକ୍ଷୟିତ୍ରୀ ନିରୁପମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ ।



## ସଂକ୍ଷେପରେ

### ୨ ପ୍ରାର୍ଥୀଙ୍କ ସମର୍ଥକ ମୁହାଁମୁହିଁ

ବରୀ,୨୧।୨(ଡି.ଏନ.ଏ.): ରବିବାର ରାତିରେ ବାଲିବିଲ ପଞ୍ଚାୟତର ୧ନଂ. ୱାର୍ଡ ଅଧୀନ ପଡିସାହିରେ ୨ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ମୁହାଁମୁହିଁ ହୋଇଛନ୍ତି । ଉଭୟ ପ୍ରାର୍ଥୀଙ୍କ ସମର୍ଥକମାନେ ପ୍ରଚାର ଚଳାଇଥିଲେ । ହେଲେ ସେମାନଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାକୁ ନେଇ ଉଭୟ ପକ୍ଷରୁ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ପୋଲିସ ସୋମବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଉଭୟ ଗୋଷ୍ଠୀ ମଧ୍ୟରେ ଏକାଧିକଥର ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ସୂଚନା ମିଳିଛି। ପୋଲିସ ଉକ୍ତ ଘଟଣାକୁ ଗୁରୁତ୍ୱ ନ ଦେଲେ ଭୋଟ ଗ୍ରହଣ ବେଳେ ପରିସ୍ଥିତି ଗୁରୁତର ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ନିର୍ବାଚନୀ ହିଂସା, ୪ ଅଟକ

ଚଣ୍ଡିଖୋଲ,୨୧।୨(ଡି.ଏନ୍.ଏ.): ବାଲିଚନ୍ଦ୍ରପୁର ଥାନା ଅଧୀନ ନଳୀପୁର ଓ ବାଲିଚନ୍ଦ୍ରପୁର ପଞ୍ଚାୟତରେ ଘଟିଥିବା ନିର୍ବାଚନୀ ହିଂସା ଓ ବାଲାଟ ପେପର ଛଡାଇ ନେବା ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ୪ ଜଣକୁ ଅଟକ ରଖିଛି । ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦ ନଂ.ବୁଥ୍‌ରେ ବାଲାଟ ପେପର ଛଡ଼ାଇ ନେବା ଘଟଣାରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସେକ୍ଟର ଅଧିକାରୀ ଅରୁଣ କୁମାର ବରାଳଙ୍କ ଏତଲା କ୍ରମେ ପୋଲିସ ରୁକୁଟିପାଟ ଗ୍ରାମର ଦୁଇଜଣଙ୍କୁ ଅଟକ ରଖିଛି । ସେହିପରି ନଳୀପୁର ଘଟଣାରେ ଅନ୍ୟ ୨ଜଣଙ୍କୁ ଅଟକ କରାଯାଇଛି ।

### ପୁନଃ ମତଦାନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

ଧର୍ମଶାଳା,୨୧।୨(ଡି.ଏନ.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଥିଲା । ହେଲେ ୩ ବୁଥ୍ ଜବରଦଖଲ ଯୋଗୁ ମତଦାନ ବନ୍ଦ ରହିଥିଲା । ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୩ ତାରିଖ ସକାଳ ୯ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପୁନଃ ମତଦାନ ହେବ । ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି । ମତଦାନ ବନ୍ଦ ରହିଥିବା ଦେଓଦା ପଞ୍ଚାୟତର ୬, ୭ ଓ ଅରାବଳ ପଞ୍ଚାୟତର ୮ ନଂ. ବୁଥ୍‌ରେ ଭୋଟଗ୍ରହଣ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ମାଇକ୍‌ରେ ପ୍ରଚାର କରାଯାଇଛି । ଏଥିସହ ପ୍ରାର୍ଥୀମାନଙ୍କୁ ଏଜେଣ୍ଟ ଦେବା ପାଇଁ ସୂଚନା ଦିଆଯାଇଛି । ଦେଓଦା ପଞ୍ଚାୟତର ୬ନଂ. ବୁଥ୍‌ରେ ୨୦୬ ଜଣ ଓ ୭ନଂ. ବୁଥ୍‌ରେ ୧୯୮ଜଣ ଓ ଅରାବଳ ୮ନଂ. ବୁଥ୍‌ରେ ୪୩ ଭୋଟର ପୁଣିଥରେ ମତଦାନ କରିବେ ବୋଲି ଧର୍ମଶାଳା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ଶାନ୍ତିଶୃଙ୍ଖଳାରେ ଭୋଟ ଗ୍ରହଣ ଶେଷ କରିବାକୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ଗଣ୍ଡଗୋଳକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

### ୩ ବୁଥ୍ ପାଇଁ ତିନି ମାଜିଷ୍ଟ୍ରେଟଙ୍କୁ ଦାୟିତ୍ୱ

ଚଣ୍ଡିଖୋଲ,୨୧।୨(ଡି.ଏନ୍.ଏ.): ଆସନ୍ତା ୨୩ ତାରିଖରେ ବଡଚଣା ବ୍ଲକ ଅନ୍ତର୍ଗତ ୩ ବୁଥରେ ସାନି ମତଦାନ ପାଇଁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ବଡ଼ଚଣା ବ୍ଲକର ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦ନଂ. ବୁଥ୍ , ନଳୀପୁର ପଞ୍ଚାୟତର ୨ ନଂ. ବୁଥ୍ ଓ ରଇପୁର ପଞ୍ଚାୟତର ୫ ନଂ. ବୁଥ୍‌ରେ ସାନି ମତଦାନ କରାଯିବ । ସେଥିପାଇଁ ମାଜିଷ୍ଟ୍ରେଟ ଭାବେ ନଳୀପୁର ବୁଥ୍ ପାଇଁ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ବାଲିଚନ୍ଦ୍ରପୁର ୧୦ନଂ. ବୁଥ୍ ପାଇଁ ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାସ ଓ ରଇପୁର ବୁଥ୍ ପାଇଁ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ଦାୟିତ୍ୱ ଦିଆଯାଇଛି ।

### ପୂର୍ବତନ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା,୨୧।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ଗ୍ରାମସ୍ଥିତ କଉଡ଼ିଗଣ୍ଡା ବୁଦ୍ଧଦେବ ମନ୍ଦିର ପ୍ରାଙ୍ଗଣରେ ଧର୍ମଶାଳାର ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବୈରାଗୀ ଚରଣ ମଲିକ ସଭାପତିତ୍ୱ କରିଥିଲେ । ପୂର୍ବତନ ସମିତି ସଭ୍ୟ ନରୋତ୍ତମ ନାୟକ, ସଞ୍ଜୟ କୁମାର ରାଉତ, ଗୟାନିଧି ରାଉତ, ଭୀମସେନ ମଲିକ, ଜଳଧର ସ୍ୱାଇଁ ସୁରେନ୍ଦ୍ର ରାଉତ, ପର୍ଶୁରାମ ନାୟକ, ସମୀର ନାୟକ, ସୁବାସ ମଲିକ, ସୋମନାଥ ସାହୁ, ଗୋକୁଳ ରାଉତ, ପବିତ୍ର ମହାନ୍ତି, ଭାଗ୍ୟଧର ମହାନ୍ତି, ଲକ୍ଷ୍ମୀଧର ପଲେଇ, ବିଶ୍ୱନାଥ ଦାସ, ସୁଦାମ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ କାର୍ଯ୍ୟଦକ୍ଷତା ଓ ଜନସେବା ଉପରେ ଆଲୋଚନା କରିଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ପାଇଁ ଦାବି ତେଜିଲା

## ଖବରଦାତାଙ୍କୁ ଆକ୍ରମଣ ଘଟଣା

- ସବୁଠି ପ୍ରତିବାଦ ସଭା, ନିନ୍ଦା ପ୍ରସ୍ତାବ
- ୭ଦିନ କଳା ଦିବସ ପାଳିବେ ଯାଜପୁର ଖବରଦାତା





ଚଣ୍ଡିଖୋଲ ଓ ଯାଜପୁରରେ ଖବରଦାତାମାନଙ୍କ ପ୍ରତିବାଦ ସଭା ।

ଯାଜପୁର ଟାଉନ/ଚଣ୍ଡିଖୋଲ/ବରୀ/ସିଂହପୁର/ଜେନାପୁର,୨୧।୨ (ଡି.ଏନ୍.ଏ.)

ରବିବାର ଥିଲା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ । ହେଲେ ପ୍ରଥମ, ଦ୍ୱିତୀୟ ପରି ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ବୁଥ୍ ଜବରଦଖଲ, ପୋଲିସକୁ ମାଡ଼ ଭଳି ଘଟଣା ଘଟିଥିଲା । ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତରେ ବୁଥ୍ ଜବରଦଖଲ କରାଯାଇଥିଲା । ଏ ସଂକ୍ରାନ୍ତରେ ଖବର ସଂଗ୍ରହ କରିବାକୁ ଯାଇଥିବା ଅର୍ଗସ୍ ନ୍ୟୁଜ୍‌ର ଗୁଲସାହାନୱାଜ ଅଲ୍ଲୀ ଖାନ୍, କନକ ନ୍ୟୁଜ୍‌ର ବିଜୟ ସାହୁ, କଳିଙ୍ଗ ଟିଭିର ଦେବାଶିଷ ସାହୁ ଏବଂ ଓଡ଼ିଶା ସମ୍ବାଦର ହିମାଂଶୁ ପାଢ଼ୀଙ୍କୁ ଅଭିଯୁକ୍ତମାନେ ନିସ୍ତୁକ ମାଡ଼ ମାରିବା ସହ ଭୋଟ୍‌ବାକ୍ସ ଲୁଟି ନେଇଥିଲେ । ଏହି ଘଟଣାରେ ପୋଲିସ ସୋମବାର ସୁଦ୍ଧା ୬ ମହିଳାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି । ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି ।

ବଡ଼ଚଣା ପ୍ରେସ୍ ଫୋରମ ପକ୍ଷରୁ ସୋମବାର ଚଣ୍ଡିଖୋଲସ୍ଥିତ ବୁଦ୍ଧମୂର୍ତ୍ତି ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଖବରଦାତା ମହେଶ୍ୱର ବଳଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ରାଜ୍ୟରେ ଖବରଦାତାମାନେ ଅସୁରକ୍ଷିତ ହେବା, ନିର୍ବାଚନ ସମୟରେ ସେମାନଙ୍କୁ ପ୍ରଶାସନ ତରଫରୁ ସୁରକ୍ଷା ଯୋଗାଇଦେବା ଏବଂ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଚଳନ କରିବାକୁ ଦାବି କରାଯାଇଥିଲା । ଆବାହକ ପ୍ରଦୀପ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦର୍ପଣ ତହସିଲଦାର ଓ ବଡ଼ଚଣା ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ବରୀ ସାମ୍ବାଦିକ ସଂଘ ତରଫରୁ ସ୍ଥାନୀୟ ମାଉଣ୍ଡସ୍ଥିତ ଜାଗୁଲାଇ ପୀଠରେ କାର୍ଯ୍ୟରତ ଖବରଦାତାମାନେ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା । ଖବରଦାତାମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସୁରକ୍ଷା ଯୋଗାଇଦେବାକୁ ବରୀ ତହସିଲଦାର ମାନସ ରଞ୍ଜନ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହିପରି ସିଂହପୁରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଖବରଦାତା ଅନିରୁଦ୍ଧ ବେଉରିଆ, ଶିକ୍ଷାବିତ୍ ଅକ୍ଷୟ ନାୟକ, ସାମ୍ବାଦିକ ସଂଘର ରାମକୃଷ୍ଣ ଦାସ, ସେକ୍ ସନୁଆର, ଦେବପ୍ରସାଦ ସାହୁ, ଦିଲୀପ ପଢ଼ିହାରୀ, ଅନଙ୍ଗ ଉଦୟ ବେଉରିଆ, ଗୋପାଳ ସୂତାର, ବିଂଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ବ୍ଲକ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ବାଛୋଳ ବିଜେଡି ସଭାପତି ସର୍ବେଶ୍ୱର ଧଳ, ସମିତିସଭ୍ୟ ସୁରେନ୍ଦ୍ର ସାହୁ, ବିଜୟ ଦାସ, ଧରଣୀଧର ରାଉତ, ମନ୍ଦରଧର ସାହୁ, ବୈତାରୀ ସାମଲ ପ୍ରମୁଖ ଏହି ଘଟଣାକୁ ନିନ୍ଦା କରିବା ସହ ଖବରଦାତାମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରିଥିଲେ ।

ଏହି ଘଟଣା ପ୍ରତିବାଦରେ ଯାଜପୁର ପ୍ରେସ୍ କ୍ଲବ ପକ୍ଷରୁ ଖବରଦାତାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ । ସେମାନେ ୭ ଦିନ କଳାଦିବସ ପାଳିବାକୁ ନିଷ୍ପତ୍ତି ନେଇଛନ୍ତି । ସୋମବାର ପ୍ରେସ୍ କ୍ଲବର ସଭାପତି ରାଜୀବ ମହାନ୍ତିଙ୍କ ନେତୃତ୍ୱରେ ଖବରଦାତାମାନେ ସହରର ଗାନ୍ଧୀମୂର୍ତ୍ତି ତଳେ ଏକତ୍ରିତ ହୋଇଥିଲେ । ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ, ଜିଲାରେ କାର୍ଯ୍ୟରତ ଖବରଦାତାଙ୍କୁ ଜିଲା ପ୍ରଶାସନ ସୁରକ୍ଷା ଯୋଗାଇବା, ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ସେହିପରି ଜେନାପୁର, କବାଟବନ୍ଧ ଓ ଗଡ଼ମଧୁପୁର ଅଞ୍ଚଳର ଖବରଦାତାମାନେ ଏପରି ଘଟଣାକୁ ନିନ୍ଦା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି କରିଛନ୍ତି। ସନ୍ଦୀପ୍ତ ରାୟଙ୍କ ଆବାହକତ୍ୱରେ ପାଣିକୋଇଲି ଜିଲା ପୋଲିସ ମୁଖ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେଣୁଧର ପଣ୍ଡା, ହାରାଧନ ବାନାର୍ଜୀ, ସୁବାସ ଧଳ, ତରୁଣ କୁମାର ନନ୍ଦ, କୈଳାସ ରାଉତ, ଦେବାଶିଷ ସାହୁ, ଚିନ୍ତାମଣି ପାଢୀ, ଉମାକାନ୍ତ ରାଉତ, ସୁଜିତ ମଲ୍ଲିକ, ପ୍ରଦୀପ ଚାନ୍ଦ, ଅବିନେଶ୍ୱର ଶତପଥୀ, ଜ୍ୟୋତିସ୍ମିତା ନାୟକ, କଳ୍ପତରୁ ପଣ୍ଡା, ପ୍ରୀୟ ରଞ୍ଜନ କର, ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି ପ୍ରମୁଖ ଖବରଦାତାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ।

# କରଦା ପଞ୍ଚାୟତରେ ନିର୍ବାଚନୀ ହିଂସା

## କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ସମ୍ମୁଖରେ ଧାରଣା

ପାଣିକୋଇଲି,୨୧।୨(ଡି.ଏନ.ଏ.)

କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତରେ ନିର୍ବାଚନ ସମୟରେ ଓ ନିର୍ବାଚନ ସରିବା ପରେ ଉଷ୍ମତା ଲାଗି ରହିଛି । ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ଅଭିଯୋଗ ହୋଇଛି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ସମର୍ଥକମାନେ ଥାନା ଆଗରେ ଧାରଣା ଦେଇଥିଲେ । ସରପଞ୍ଚ ପ୍ରାର୍ଥୀ ମନିକା ମଲିକ ଓ ସମିତି ସଭ୍ୟା ପ୍ରାର୍ଥୀ ପ୍ରମିଳା ସେଠୀ ସେମାନଙ୍କ ପରିବାର ସୁରକ୍ଷା ନେଇ ଥାନାରେ ଅଭିଯୋଗ କରିଛନ୍ତି । ୩ ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଜାରି ରଖିଛି ।




ଗ୍ରାମବାସୀ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି ।

ଅଭିଯୋଗ ମୁତାବକ ସୋମବାର ସକାଳୁ ସରପଞ୍ଚ ଗଣେଶ ସାହୁ ତାଙ୍କ ଘର ଭକଣ୍ଡରୀ ଗ୍ରାମରୁ ବାଇକ୍‌ରେ ଷଠିପୁର ଆସୁଥିବା ବେଳେ ରାଣିଗୋଡା ଗ୍ରାମର ପ୍ରଦୀପ ମଲ୍ଲିକ ତାଙ୍କୁ ଏକ ଲମ୍ବା କତା ଧରି ଆକ୍ରମଣ ଉଦ୍ୟମ କରିବା ସହ ଅଶ୍ଳୀଳ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ସେଠାରୁ ଗଣେଶ ଖସି ଆସି ଥାନାରେ ଅଭିଯୋଗ କରିଥିଲେ । ଖବରପାଇ ଶତାଧିକ ସମର୍ଥକ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ସମ୍ମୁଖରେ ବସି ରହିଥିଲେ । ଅପରପକ୍ଷେ ସରପଞ୍ଚ ପ୍ରାର୍ଥୀ ମନିକା ମଲିକ ଭୋଟ ଦେବାକୁ ଯାଇଥିବା ବେଳେ ଦେବାଶିଷ ସାହୁ ଓ ଦେବୀପ୍ରସନ୍ନ ସାହୁ ଜାତିଗତ ଗାଳିଗୁଲଜ କରିବା ସହ ତାଙ୍କ ଦେଢଶୁର ରଞ୍ଜିତ ମଲିକଙ୍କ ସହ ଗଣ୍ଡଗୋଳ କରିଥିଲେ। ସେମାନଙ୍କ ଧମକ ଯୋଗୁ ଭୟଭୀତ ହୋଇଥିବା ମନିକା ଥାନାରେ ଅଭିଯୋଗ କରିଛନ୍ତି। ସମିତିସଭ୍ୟା ପ୍ରାର୍ଥିନୀ ପ୍ରମିଳା ସେଠୀ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି।

# ଟାଟା ଷ୍ଟିଲ୍‌ରେ ୧୨ ଟ୍ରାନ୍ସଜେଣ୍ଡରଙ୍କୁ ନିଯୁକ୍ତି



ଉପସଭାପତି (ଅପରେଶନ) ରାଜୀବ କୁମାର ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ।

କଳିଙ୍ଗନଗର,୨୧।୨(ଡି.ଏନ.ଏ.)

ଟାଟା ଷ୍ଟିଲ୍ ପକ୍ଷରୁ ଗତ ସପ୍ତାହରେ ଏହାର କଳିଙ୍ଗନଗର କାରଖାନାରେ ଏଲ୍‌ଜିବିଟିକ୍ୟୁ+ ସମ୍ପ୍ରଦାୟର ୧୨ ଜଣଙ୍କୁ କ୍ରେନ୍ ଅପରେଟର୍ ଟ୍ରେନି ଭାବେ ନିଯୁକ୍ତ ମିଳିଛି । ୨୦୨୧ ଡିସେମ୍ବରରେ ଏକ ଐତିହାସିକ ଅଭିଯାନ ଭାବେ ଟାଟା ଷ୍ଟିଲ୍‌ର ୱେଷ୍ଟ ବୋକାରୋ ଡିଭିଜନ୍ ପକ୍ଷରୁ ୧୪ ଟ୍ରାନ୍ସଜେଣ୍ଡର୍‌ଙ୍କୁ ହେଭିଆର୍ଥମୁଭିଂ ମେସିନାରି (ଏଚ୍‌ଇଏମ୍‌ଏମ୍) ଅପରେଟର୍ ଭାବେ ଏହାର ଖଣିରେ ନିଯୁକ୍ତ କରାଯାଇଥିଲା । ଏଲ୍‌ଜିବିଟିକ୍ୟୁ+ସମ୍ପ୍ରଦାୟକୁ ନିଯୁକ୍ତ କରିବାର ଲକ୍ଷ୍ୟ କେବଳ ସାମାଜିକ କଟକଣାକୁ ଦୂର କରିବା ନୁହେଁ ବରଂ ଟ୍ରାନ୍ସଜେଣ୍ଡର୍‌ଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ଟାଟା ଷ୍ଟିଲ୍‌ର ବିବିଧ ଓ ଅନ୍ତର୍ଭୁକ୍ତୀକରଣ (ଡିଆଣ୍ଡଆଇ) ଅଭିଯାନର ଲକ୍ଷ୍ୟ ହେଉଛି ଏଭଳି ଏକ କର୍ମକ୍ଷେତ୍ର ସୃଷ୍ଟି କରିବା ଯେଉଁଠାରେ ସମସ୍ତଙ୍କୁ ସମ୍ମାନ ମିଳୁଥିବ । ଏହି ପରିପ୍ରେକ୍ଷୀରେ ଗତ ୧୭ ତାରିଖରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ରେ ଏହି ସାମିଲ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ ମାନବ ସମ୍ବଳ ପରିଚାଳନା ଉପସଭାପତି ଅତ୍ରାୟି ସାନ୍ୟାଲ ମୁଖ୍ୟଅତିଥି, ରାଜୀବ କୁମାର, ଉପସଭାପତି (ଅପରେଶନ), ଜୟ ସିଂହ ପଣ୍ଡା, ଚିଫ୍ ଏଲ୍‌ଆଣ୍ଡଡି ଏବଂ ଚିଫ୍ ଡାଇଭରସିଟି ଅଫିସର ସିଏଲ୍ କର୍ଣ୍ଣ, ଚିଫ୍ ଲଜିଷ୍ଟିକ୍ସ ଅଫିସର, ଟିଏସ୍‌କେ ଏବଂ ଇମ୍ମାଦ୍ ଅଲ୍ଲୀ, ଚିଫ୍ ହ୍ୟୁମାନ୍ ରିସୋର୍ସ ବିଜନେସ୍ ପାର୍ଟନର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ମୁନି ସମାଜର ବାର୍ଷିକ ସମ୍ମିଳନୀ

ଧର୍ମଶାଳା,୨୧।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଦୁବଗାଡ଼ିଆସ୍ଥିତ କୋଠଘର ପରିସରରେ ରବିବାର ସନ୍ଧ୍ୟାରେ ମୁନି ସମାଜର ୧୭ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୋଗୀ ବନମାଳୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସତ୍ୟ ପତାକା ଉତ୍ତୋଳନ କରାଯାଇଥିଲା। ଅତିଥି ଭାବେ ଯୋଗୀ ରବି ମୁନି, ବସନ୍ତ ମୁନି, ଧ୍ରୁବ ମୁନି ପ୍ରମୁଖ ଯୋଗଦେଇଥିଲେ । ସଦ୍‌ଗୁରୁ ଶିବ ମୁନି ମହାରାଜ ଓ ଟିକମ ମୁନିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ଯୋଗୀ ନାରାୟଣ ବିଶ୍ୱାଳଙ୍କ ଦ୍ୱାରା ଲିଖିତ ‘ସୁସ୍ଥ ଓ ବଳିଷ୍ଠ ସମାଜ ଗଠନରେ ମୁନି ସମାଜର ଭୂମିକା’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।ମହିମାନଗର, ଶକୁନ୍ତଳାପୁର, ସିପୁରା, ବାତୋ, ସିଦ୍ଧିପୁର, ଛତିଆ, କୁରିକଣା, ଲକ୍ଷ୍ମୀଧରପୁର, ରଥିଆ, ଫାଜିଲପୁର, ମହିଶରାର ମୁନିଗଣ ଯୋଗଦେଇଥିଲେ।

### ବିଡିଓଙ୍କୁ ଆକ୍ରମଣ ଘଟଣାରେ ମାମଲା ରୁଜୁ

ପାଣିକୋଇଲି,୨୧।୨(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତରେ ତୃତୀୟ ପର୍ଯ୍ୟାୟ ମତଦାନ ଚାଲୁଥିବା ବେଳେ ସୋତି ବିଦ୍ୟାଳୟ ବୁଥ୍‌ରେ ଜବରଦଖଲ ଅଭିଯୋଗ ହୋଇଥିଲା । ସେଠାରେ କୋରାଇ ବିଡିଓ ରଞ୍ଜନ କୁମାର ପରିଡ଼ା ପହଞ୍ଚି ଥିଲେ । ସେଠାରେ ସେ ଜନ ଆକ୍ରୋଶର ଶିକାର ହୋଇଥିଲେ । କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ । ଏନେଇ ବିଡିଓ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା(ନଂ. ୪୭/୨୨) ରୁଜୁ କରିଛି ।

### ବୃଦ୍ଧଙ୍କ ଆତ୍ମହତ୍ୟା

କଳିଙ୍ଗନଗର,(ଡି.ଏନ.ଏ.)

ବ୍ୟାସନଗର ସହରସ୍ଥିତ ଅହମ୍ମଦ ନଗର ରେଳଲାଇନ ନିକଟରେ ସୋମବାର ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖମଣ ପଞ୍ଚାୟତ ମଠପାଟଣା ଗ୍ରାମର ହୃଷିକେଶ ନାଥ (୬୫) । ପାରିବାରିକ ଅଶାନ୍ତିରେ ସେ ମ୍ରିୟମାଣ ହୋଇ ଯାଜପୁର-କେନ୍ଦୁଝର ରୋଡ଼ ରେଳ ଲାଇନରେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ପାଇଛି।

### ଡ୍ରେସ୍ ଦୋକାନରୁ ଚୋରି

ପାଣିକୋଇଲି,୨୧।୨(ଡି.ଏନ.ଏ.)

ପାଣିକୋଇଲି ଥାନା ଅଧୀନ ସିଙ୍ଗଡ଼ା ଗ୍ରାମ ନିକଟରେ ଥିବା ରମେଶ ଡ୍ରେସ ଦୋକାନରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏହାର ତଦନ୍ତ ଜାରି ରଖିଛି । ଖୋସାଲପୁର ଗ୍ରାମର ବାସିନ୍ଦା ତଥା ଦୋକାନ ମାଲିକ ରମେଶ ୨୦ ତାରିଖରେ ନିର୍ବାଚନ ଥିବାରୁ ଗାଁକୁ ଯାଇଥିଲେ । ସୋମବାର ଫେରିବା ପରେ ଏହି ଘଟଣା ଜଣାପଡ଼ିଥିଲା ।

# ୧୬୫୧ ପ୍ରାର୍ଥୀଙ୍କ ଆଜି ଭାଗ୍ୟ ପରୀକ୍ଷା



ରଘୁନାଥପୁରରେ ପୋଲିଂ କର୍ମଚାରୀମାନେ ବୁଥ୍‌କୁ ଯିବାକୁ ଅପେକ୍ଷା କରିଛନ୍ତି ।

## ୨ ବ୍ଲକରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ

- ୫୧ ଅତିସମ୍ବେଦନଶୀଳ, ୧୨୪ ସମ୍ବେଦନଶୀଳ ବୁଥ୍
- ୩୧୧୨ ପୋଲିଂ କର୍ମଚାରୀ ନିୟୋଜିତ

ଜଗତ୍‌ସିଂହପୁର ଅଫିସ, ୨୧।୨

କୁଜଙ୍ଗ ଓ ରଘୁନାଥପୁର ବ୍ଲକରେ ୪ର୍ଥ ପର୍ଯ୍ୟାୟ ମଙ୍ଗଳବାର ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। କୁଜଙ୍ଗ ବ୍ଲକର ୪ଟି ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୨୮ ପଞ୍ଚାୟତ ପାଇଁ ୪୬୫ଟି ବୁଥ୍ କରାଯାଇଛି। ଏଥିରେ ୧,୩୮,୨୯୫ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ। ସେହିପରି ରଘୁନାଥପୁର ବ୍ଲକର ୨ଟି ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୧୯ ପଞ୍ଚାୟତ ପାଇଁ ୩୧୩ଟି ବୁଥ୍ ହୋଇଛି। ଏଠାରେ ମଧ୍ୟ ୬୯,୨୭୦ ଜଣ ଭୋଟର ଭୋଟ ଦେଇପାରିବେ। ମୋଟ୍ ଉପରେ ଉଭୟ ବ୍ଲକ ଅଞ୍ଚଳର ୧୬୫୧ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ସେମାନଙ୍କ ମଧ୍ୟରୁ କୁଜଙ୍ଗରେ ୧୧୩୮ ଜଣ ରହିଛନ୍ତି। ଏହା ଭିତରେ ୧୩ ଜଣ ଜିଲା ପରିଷଦ ପ୍ରାର୍ଥୀ, ୯୯ ସମିତିସଭ୍ୟ, ୧୧୪ ସରପଞ୍ଚ ଓ ୯୧୨ ଜଣ ୱାର୍ଡସଭ୍ୟ ରହିଛନ୍ତି। ୨୨ଟି ମୋବାଇଲ ପୋଲିସ ଦଳକୁ ଆଇନଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ କରାଯାଇଛି। ସେହିପରି ରଘୁନାଥପୁର ବ୍ଲକର ୫୧୩ ଜଣ ପ୍ରାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଜିଲା ପରିଷଦ ସଭ୍ୟ, ୭୧ ସମିତିସଭ୍ୟ, ୯୮ ସରପଞ୍ଚ ଓ ୩୩୭ ଜଣ ୱାର୍ଡସଭ୍ୟ ପ୍ରାର୍ଥୀ ରହିଛନ୍ତି। ପୋଲିଂ କର୍ମଚାରୀଙ୍କ ସହ ପୋଲିସକୁ ମିଶାଇ ମୋଟ ୩,୧୧୨ ଜଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଆଇନଶୃଙ୍ଖଳା ଦାୟିତ୍ୱରେ ୧୭ଟି ପୋଲିସ ମୋବାଇଲ ଦଳ ରହିଛନ୍ତି। ଉଭୟ ବ୍ଲକରେ ୫୧ଟି ଅତିସମ୍ବେଦନଶୀଳ ଓ ୧୨୪ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସୋମବାର ପୋଲିଂ କର୍ମଚାରୀମାନେ କୁଜଙ୍ଗ ବ୍ଲକ ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟ ଓ ରଘୁନାଥପୁରର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ପରିସର ବିତରଣ କେନ୍ଦ୍ର (ଡିସପର୍ସାଲ ସେଣ୍ଟର)ରୁ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ବୁଥ୍‌ଗୁଡିକରେ ପହଞ୍ଚିଛନ୍ତି। ଉଭୟ ବ୍ଲକର ବିତରଣ କେନ୍ଦ୍ରରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରୀ ପହଞ୍ଚି କାର୍ଯ୍ୟ ତଦାରଖ କରିଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଚିନ୍ମୟୀ ବିଶ୍ୱାଳ ରଘୁନାଥପୁର ଓ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ନିର୍ବାଚନ କାର୍ଯ୍ୟ ସୁପରିଚାଳନା ପାଇଁ ନିୟୋଜିତ ହୋଇଛନ୍ତି। ପୂର୍ବରୁ ୩ଟି ପର୍ଯ୍ୟାୟ ନିର୍ବାଚନ ସରିଥିବାରୁ ଉକ୍ତ ଅଞ୍ଚଳର ଦଳୀୟ ନେତାମାନେ କୁଜଙ୍ଗ ଓ ରଘୁନାଥପୁରରେ ପହଞ୍ଚିଥିବା କୁହାଯାଉଛି। ଆଉ ସମୟ ନ ଥିବାରୁ ରାତିତମାମ୍ ବିଭିନ୍ନ ଗାଁରେ ଛକାପଞ୍ଝା ସାଙ୍ଗକୁ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରୟାସ କରାଯାଉଛି।

## ବିଭିନ୍ନ ସ୍ଥାନରେ ପୋଲିଂ ଦଳ ହଟହଟା

ଜଗତ୍‌ସିଂହପୁର ଅଫିସ/କୁଜଙ୍ଗ (ଡି.ଏନ୍.ଏ.)

ସୋମବାର କୁଜଙ୍ଗ ବ୍ଲକ ଅଞ୍ଚଳରେ ନିୟୋଜିତ ପୋଲିଂ କର୍ମଚାରୀମାନେ ହଟହଟା ହେବା ଘଟଣା ଜିଲାରେ ଆଲୋଚନାର ବିଷୟବସ୍ତୁ ହୋଇଛି। ପ୍ରଥମେ ପୋଲିଂ କର୍ମଚାରୀମାନେ ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟ ବିତରଣ କେନ୍ଦ୍ରରେ ପହଞ୍ଚି ପୋଲିଂ ସାମଗ୍ରୀ ନେବାବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବାଲଟ ପେପର, ବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଗ୍ରହଣ ପାଇଁ ପୃଥକ୍ କାଉଣ୍ଟର ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିଂ ଦଳଗୁଡିକ ଗୋଟିଏ ପରେ ଗୋଟିଏ କାଉଣ୍ଟରରୁ ସାମଗ୍ରୀ ଗ୍ରହଣ କରିବା ପାଇଁ ଯଥେଷ୍ଟ ସମୟ ଲାଗିଥିଲା। ବିଳମ୍ବ କାରଣରୁ ହୋହଲ୍ଲା ହୋଇଥିଲା। ସାମଗ୍ରୀ ପାଇବା ପାରେ ଗାଡ଼ି ମିଳି ନ ଥିଲା । ଏପରି କି ପାରାଦୀପଗଡ଼ ୧୩ନଂ. ବୁଥ୍ ଯିବାକୁ ଥିବା ଏକ ପୋଲିଂ ଦଳକୁ ଯେଉଁ ଗାଡ଼ି (ନଂ. ଓଡି ୦୨ପି ୨୮୮୧) ବ୍ୟବସ୍ଥା ହୋଇଥିଲା ତାହା ଦେଖିବାକୁ ମିଳି ନ ଥିଲା । ପରେ ଅନ୍ୟ ଗାଡ଼ି ଦ୍ୱାରା ଏହି ଦଳକୁ ପଠାଯାଇଥିବା ପ୍ରିଜାଇଡିଂ ଅଫିସର ସୂଚନା ଦେଇଥିଲେ । ସେହିପରି ଥାଇଲୋ ପଞ୍ଚାୟତ ବୁଥ୍ ନଂ.୨୦କୁ ଯିବାକୁ ଥିବା ପୋଲିଂ ପାର୍ଟିକୁ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଗାଡ଼ି ଛାଡ଼ିଦେଇ ପଳାଇଥିଲା । ପୋଲିଂ କର୍ମଚାରୀମାନେ ସେଠାରେ ପାଖାପାଖି ୨ ଘଣ୍ଟାକାଳ ଛିଡ଼ାହୋଇ ରହିଥିଲେ । ପରବର୍ତ୍ତୀ ସମୟରେ ସେମାନଙ୍କୁ ବୁଥ୍‌ରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା । ମୋଟାମୋଟି ଭାବେ କହିବାକୁ ଗଲେ ଅବ୍ୟବସ୍ଥା ଯୋଗୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କେତେକ ପୋଲିଂ ଦଳ ବିତରଣ କେନ୍ଦ୍ର ଛାଡିବା ସମ୍ଭବ ହୋଇପାରି ନ ଥିଲା । ଏ ସମ୍ପର୍କରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ଗାଡ଼ି ବ୍ୟବସ୍ଥାରେ କିଛିଟା ଅବ୍ୟବସ୍ଥା ହୋଇଥିଲେ ସୁଦ୍ଧା ପରେ ଠିକ୍ ହୋଇଯାଇଥିଲା । ନିର୍ବାଚନ ଦାୟିତ୍ୱରେ ଥିବା ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର କହିଛନ୍ତି, କିଛି କାରଣରୁ ସାମାନ୍ୟ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । କିନ୍ତୁ ପରେ ସବୁକିଛି ଠିକ୍‌ଠାକ୍ ହୋଇଯାଇଥିଲା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ଫେବୃୟାରୀ, ୨୦୨୨

## ନିର୍ବାଚନ ପାଇଁ ବ୍ୟାପକ ପୋଲିସ ମୁତୟନ

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ଜିଲାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ କେନ୍ଦ୍ରାପଡ଼ା ଓ ଗରଦପୁର ବ୍ଲକରେ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ଏହି ଦୁଇ ବ୍ଲକରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକର ୪୨୯ ବୁଥ୍‌ରେ ନିର୍ବାଚନ ପାଇଁ ୧୩୮୨ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୬ ମୋବାଇଲ ପାର୍ଟି ସହ ୪୭୧ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଗରଦପୁରର ୨୮୦ ବୁଥ୍ ପାଇଁ ୯୦୩ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏହି ବ୍ଲକରେ ୧୧ ମୋବାଇଲ ପାର୍ଟି ସହ ୩୦୮ ପୋଲିସ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏଥିସହ ଦୁଇ ବ୍ଲକରେ ୭ ଜଣ ପଦାଧିକାରୀଙ୍କୁ ନିର୍ବାଚନ ପାଇଁ ମାଜିଷ୍ଟ୍ରେଟ ପଦବୀରେ ଅବସ୍ଥାପିତ କରାଯାଇଛି।



## ସଂକ୍ଷେପରେ

### ଆଦର୍ଶ ଆଚରଣବିଧି ଉଲ୍ଲଂଘନ, ଶିକ୍ଷକ ନିଲମ୍ବିତ

କେନ୍ଦ୍ରାପଡ଼ା ଅଫିସ, ୨୧।୨
ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ଜଣେ ଶିକ୍ଷକଙ୍କୁ ଜିଲାପାଳ ଅମୃତ ଋତୁରାଜ ସୋମବାର ନିଲମ୍ବିତ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶନାମା (ନଂ.୧୮୪୭) ଅନୁଯାୟୀ କାଳିକାପୁରସ୍ଥ ସୁଶ୍ରୀଦେବୀ ହାଇସ୍କୁଲର ସହକାରୀ ଶିକ୍ଷକ ବିକ୍ରମ କୁମାର ପରିଡ଼ାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେ ପଟ୍ଟାମୁଣ୍ଡାଇ ବିଇଓ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ସୂଚନାଯୋଗ୍ୟ, ଶିକ୍ଷକ ପରିଡ଼ା ବିଦ୍ୟାଳୟ ପରିସରରେ ଦଳୀୟ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଥିଲା।

### ଖବରଦାତାଙ୍କ ସୁରକ୍ଷା ଦାବି



**କେନ୍ଦ୍ରାପଡା ଅଫିସ,୨୧।୨:** କେନ୍ଦ୍ରାପଡ଼ା ଜିଲାର ଖବରଦାତାମାନେ ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରି ନିର୍ବାଚନ ସମୟରେ ସୁରକ୍ଷା ଯୋଗାଇ ଦେବାକୁ ସୋମବାର ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଖବରଦାତା ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଖବର ସଂଗ୍ରହ ସମୟରେ ବିଭିନ୍ନ ସମୟରେ ଖବରଦାତାମାନେ ଅସୁରକ୍ଷିତ ଅବସ୍ଥାକୁ ଆସୁଛନ୍ତି। ପୂର୍ବରୁ ଏହି ଜିଲାରେ ଏପରି ଘଟଣା ବହୁବାର ହୋଇଥିବା ବେଳେ ନିକଟରେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ବାଛୋଳଠାରେ ଖବରଦାତାଙ୍କ ଉପରେ ଅମାନୁଷିକ ଭାବେ ମାଡ ହୋଇଛି। ସମ୍ମାନ, ଧନ ଓ ଜୀବନ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ନିର୍ବାଚନର ଦୁଇଟି ପର୍ଯ୍ୟାୟ ଓ ଆଗାମୀ ପୌର ନିର୍ବାଚନରେ ସୁରକ୍ଷା ଦେବାକୁ କମିଶନରଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଖବରଦାତା ମାତୃଦତ୍ତ ମହାନ୍ତି, ଦିଲୀପ କୁମାର ମହାନ୍ତି, ବୀରେନ୍ଦ୍ର କୁମାର ଦାସ, ହରେକୃଷ୍ଣ ବେହେରା, ବାସନ୍ତି ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### ଷ୍ଟ୍ରଙ୍ଗରୁମ୍ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି

**ବାଲିକୁଦା,୨୧।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକରେ ନିର୍ବାଚନ ପରେ ଆମ୍ଭଶାଳ ହାଇସ୍କୁଲରେ ଷ୍ଟ୍ରଙ୍ଗରୁମ୍ କରାଯାଇ ଭୋଟ ବାକ୍ସ ରଖାଯାଇଛି। ୨୬ ତାରିଖରୁ ଭୋଟ ଗଣତି ଆରମ୍ଭ ହେଉଥିବାବେଳେ ଏହାର ସୁରକ୍ଷାକୁ ନେଇ ଭାଜପାର ୪ ନଂ. ଜିଲା ପରିଷଦ ପ୍ରାର୍ଥୀ ଶଶାଙ୍କ ଶେଖର ସାହାଣୀ ଆଶଙ୍କାବ୍ୟକ୍ତ କରିଛନ୍ତି। ଏନେଇ ସେ ନିଜର କେତେଜଣ ସମର୍ଥକଙ୍କ ସହ ଗତ ଦୁଇଦିନ ହେବ ଷ୍ଟ୍ରଙ୍ଗରୁମ୍ ବାହାରେ ରାତ୍ରି ପ୍ରହରା ଦେଉଛନ୍ତି ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରାକୁ ପ୍ରଥମ ଦିନରୁ ଦେଖି ଯାଞ୍ଚ କରିବାକୁ ସେ ଖବରଦାତା ସମ୍ମିଳନୀ ଜରିଆରେ ଦାବି କରିଛନ୍ତି। ଏଥିସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ବାଚନ କମିଶନରଙ୍କୁ ନିବେଦନ କରିଛନ୍ତି।

# କେନ୍ଦ୍ରାପଡ଼ା, ଗରଦପୁର ବ୍ଲକରେ ନିର୍ବାଚନ ଆଜି

- ସମ୍ମାନ ରକ୍ଷା ପାଇଁ ୩ ପ୍ରମୁଖ ଦଳ ମୁହାଁମୁହିଁ
- ୭୦୯ ବୁଥ୍‌ରୁ ୩୦୭ ଉତ୍ତେଜନାପ୍ରବଣ

କେନ୍ଦ୍ରାପଡ଼ା ଅଫିସ, ୨୧।୨

କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା ଓ ଗରଦପୁର ବ୍ଲକ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ମଙ୍ଗଳବାର ଅନୁଷ୍ଠିତ ହେବ। ୨୦୧୭ ନିର୍ବାଚନରେ ଦୁଇ ବ୍ଲକ ଅଞ୍ଚଳରେ ଭାଜପା ପ୍ରଭାବ ବିସ୍ତାର କରିଥିଲା। କେନ୍ଦ୍ରାପଡ଼ା ବ୍ଲକର ୫, ୬ ନଂ., ଗରଦପୁର ବ୍ଲକର ୯ ଓ ୧୧ ନଂ. ଜୋନରେ ଭାଜପା ବିଜୟୀ ହୋଇଥିବା ବେଳେ ୭, ୮ ଓ ୧୦ ନଂ. ଜୋନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। କଂଗ୍ରେସ ଏହି ଦୁଇ ବ୍ଲକର ଭୋଟ ସଂଗ୍ରହ ହାରରେ ତୃତୀୟ ସ୍ଥାନରେ ରହିଥିଲା। ତେବେ ଚଳିତ ନିର୍ବାଚନରେ ୩ ପ୍ରମୁଖ ରାଜନୈତିକ ଦଳ ସମ୍ମାନ ରକ୍ଷା ପାଇଁ ମୁହାଁମୁହିଁ ହୋଇଛନ୍ତି। ଗତ ତିନି ପର୍ଯ୍ୟାୟ ନିର୍ବାଚନରେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଇଥିବାରୁ ପ୍ରତିକାର ପାଇଁ ବ୍ୟାପକ ପୋଲିସ ବଳ ମୁତୟନ ହୋଇଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ୪ ଜିଲା ପରିଷଦ ଜୋନ ଅଞ୍ଚଳରେ ମୋଟ ଭୋଟରଙ୍କ ସଂଖ୍ୟା ୧,୨୮,୦୫୯ ରହିଛି। ୪୨୯ ବୁଥ୍‌ରୁ ୭୧ଟି ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି। ଏଥିସହ ବ୍ଲକ ଅଞ୍ଚଳର ୧୭ ସ୍ଥାନରେ ଅସ୍ଥାୟୀ ବୁଥ୍ ନିର୍ମାଣ ହୋଇଛି। ଏହି ବ୍ଲକର ୫ ନଂ. ଜୋନରେ କଂଗ୍ରେସରୁ ଅନ୍ନପୂର୍ଣ୍ଣା ମଲ୍ଲିକ, ଭାଜପାରୁ ପଦ୍ମିନୀ ମଲ୍ଲିକ, ବିଜେଡିରୁ ଲିଲିତା ଦାସ ପ୍ରାର୍ଥୀ ହୋଇଛନ୍ତି। ୬ ନଂ. ଜୋନରେ ବିଜେଡିରୁ ନିର୍ମଳା ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା ଦାସ, କଂଗ୍ରେସରୁ ସସ୍ମିତା ପଣ୍ଡା, ଭାଜପାରୁ ସଙ୍ଗୀତା ରାଉତ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ୭ ନଂ. ଜୋନରେ ବିଜେଡିରୁ ମଧୁଛନ୍ଦା ମହାନ୍ତି, ଭାଜପାରୁ ସଂଘମିତ୍ରା ମଲ୍ଲିକ, କଂଗ୍ରେସରୁ ସୁଜାତା ଦାସ ନିର୍ବାଚନୀ ମଇଦାନରେ ଅଛନ୍ତି। ଏଥିସହ ଏହି ବ୍ଲକର ୮ ନଂ. ଜୋନରେ ବହୁମୁଖୀ ପ୍ରତିଯୋଗିତା ହେଉଛି। ଏଠାରେ କଂଗ୍ରେସରୁ ଅନନ୍ତ କୁମାର ସ୍ୱାଇଁ, ସ୍ୱାଧୀନ ପ୍ରାର୍ଥୀ ଦେବେନ୍ଦ୍ର ରାଉତ, ମନୋଜ କୁମାର ପ୍ରଧାନ, ବିଜେଡିରୁ ରଶ୍ମିରଞ୍ଜନ ରାଉତ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ବେହେରା, ସାଗରିକା ଦାସ, ଭାଜପାରୁ ଲଲାଟକେଶରୀ ସାମଲ ପ୍ରାର୍ଥୀ ହୋଇଛନ୍ତି।



କେନ୍ଦ୍ରାପଡ଼ା କଲେଜରୁ ପୋଲିଂ ପାର୍ଟି ବୁଥ୍ ଅଭିମୁଖେ ଯାଉଛନ୍ତି।

ସେହିପରି ୪ର୍ଥ ପର୍ଯ୍ୟାୟରେ ଗରଦପୁର ବ୍ଲକ ଅଞ୍ଚଳର ୨୮୦ ବୁଥ୍‌ରେ ୯୩, ୪୯୩ ଭୋଟର ମତଦାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି। ୬ଟି ଅସ୍ଥାୟୀ ଭୋଟ ଗ୍ରହଣ କେନ୍ଦ୍ର ସ୍ଥାପନା ସହ ୨୩୬ଟି ବୁଥ୍ ଉତ୍ତେଜନାପ୍ରବଣ ଚିହ୍ନଟ ହୋଇଛି। ବ୍ଲକର ୯ ନଂ. ଜୋନରେ ବିଜେଡିରୁ ଏଲିଜା ସ୍ୱାଇଁ, କଂଗ୍ରେସରୁ ପୁଷ୍ପାଞ୍ଜଳି ନାୟକ, ଭାଜପାରୁ ସୁଦୀପ୍ତା ପ୍ରଧାନ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ସେହିପରି ୧୦ ନଂ. ଜୋନରେ ସ୍ୱାଧୀନ ପ୍ରାର୍ଥୀ ନାରାୟଣ ପ୍ରସାଦ ସ୍ୱାଇଁ, ମହେଶ ଚନ୍ଦ୍ର ଦାସ, ଭାଜପାରୁ ରଞ୍ଜିତ କୁମାର ଆଚାର୍ଯ୍ୟ, ବିଜେଡିରୁ ସତ୍ୟାନନ୍ଦ ରାଉତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବ୍ଲକର ୧୧ ନଂ. ଜୋନରେ କଂଗ୍ରେସରୁ ଅନ୍ନପୂର୍ଣ୍ଣା ପୃଷ୍ଟି, ଭାଜପାରୁ ଡଲି ଶତପଥୀ, ବିଜେଡିରୁ ମଞ୍ଜୁବାଳା ଜେନା ନିର୍ବାଚନ ମଇଦାନରେ ଅଛନ୍ତି। ଦୁଇ ବ୍ଲକ ଅଞ୍ଚଳରେ ପାନୀୟ ଜଳ, ଗମନାଗମନ ରାସ୍ତା ଓ ସେତୁଠାରୁ ଆରମ୍ଭକରି କ୍ଷେତକୁ ଜଳ ପରିଚାଳନା ପ୍ରମୁଖ ସମସ୍ୟା ଭାବେ ଉପସ୍ଥାପିତ ହୋଇଛି। ଏହି ଦୁଇ ବ୍ଲକରେ ବିଜେଡି ଓ ଭାଜପା ପାଇଁ ଦଳୀୟ ଅନ୍ତଃକନ୍ଦଳ ସହ ଆଞ୍ଚଳିକ ସମସ୍ୟା ଗୁରୁତର ହୋଇଛି। ଏହାର ଫାଇଦା ବିରୋଧୀ କଂଗ୍ରେସ ନେବ ବୋଲି ଆଲୋଚନା ହେଉଛି। ସମସ୍ତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚିଥିବା ଉପଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।



ପୋଲିଂ ପାର୍ଟି ଗାଡି ପାଇଁ ସୋମବାର କେନ୍ଦ୍ରାପଡ଼ା ତିନିମୁହାଁଣୀ ଛକରେ ରାସ୍ତା ଜାମ ହୋଇଛି।

## ଚାନ୍ଦୋଳ ପିଏଚ୍‌ସିରେ କାୟାକଳ୍ପ କାର୍ଯ୍ୟକାରିତା ନେଇ ସ୍ୱତନ୍ତ୍ର ଟିମ୍

ଡେରାବିଶ,୨୧।୨(ସ୍ୱ.ପ୍ର.)

ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଯୋଜନାର କାର୍ଯ୍ୟକାରିତା ନେଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ସ୍ୱତନ୍ତ୍ର ଟିମ୍ ସୋମବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଭିତ୍ତିଭୂମିର ଉନ୍ନତୀକରଣ, ସ୍ୱାସ୍ଥ୍ୟକର ପରିବେଶ, ମେଡ଼ିକାଲ ବର୍ଜ୍ୟବସ୍ତୁ ପରିଚାଳନା ଓ ଉପଯୁକ୍ତ ଚିକିତ୍ସା ନିମନ୍ତେ ସରକାରଙ୍କ ପକ୍ଷରୁ କାୟାକଳ୍ପ ଯୋଜନା ପ୍ରଣୟନ କରାଯାଇଛି। ଏହାର ସଫଳ ପ୍ରୟୋଗ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ନିର୍ଦ୍ଦେଶକ ଡା. ନୃପେନ୍ କୁମାର ଶତପଥିଙ୍କ ନେତୃତ୍ୱରେ ଜିଲା ଡାଟା ମ୍ୟାନେଜର ଅଶୋକ କୁମାର ସାହୁ, ଜିଲା କାୟାକଳ୍ପ ମ୍ୟାନେଜର ଅମିତ କୁମାର ପଣ୍ଡା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ। ତାଙ୍କ ସହ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଚିତ୍ତରଞ୍ଜନ ବେହେରା ଯୋଗ ଦେଇଥିଲେ। ଏହି ଟିମ୍ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଭାବ ଅସୁବିଧା ସମ୍ପର୍କରେ ଡା. ସତ୍ୟବ୍ରତ ମହାନ୍ତି, ଆୟୁଷ ଡା. ନାଜରୁଲ ଅକତର, ଫାର୍ମାସିଷ୍ଟ ସୁଧୀର କୁମାର ଦଳାଇ, ଏଏନ୍‌ଏମ୍ ଭାରତୀ ସ୍ୱାଇଁ ଏବଂ କର୍ମଚାରୀ ନିରଞ୍ଜନ ପାତ୍ର, ରତିକାନ୍ତ ଜେନା ଓ ମନମୋହନ ଭୂୟାଁଙ୍କଠାରୁ ବୁଝିବା ସହ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ହରିଅଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିପ୍‌ସା ପ୍ରିୟଦର୍ଶିନୀ, ଆୟୁଷ ଡା. ଅମୀୟ ରଞ୍ଜନ ରାଉତ, ଫାର୍ମାସିଷ୍ଟ ମଞ୍ଜୁଲତା ବେହେରା ଏବଂ ଦାନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦିପିକା ଦିଗଦର୍ଶିନୀ ବିଶ୍ୱାଳ, ଆୟୁଷ ଡା. ରଘୁନାଥ ଓଝା ଓ ଫାର୍ମାସିଷ୍ଟ ଅଶୋକ ଦଳାଇଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି।

## ମିଲର ଆସୁନାହାନ୍ତି: ଧାନ ବିକ୍ରି ଚିନ୍ତାରେ ଚାଷୀ

ବାଲିକୁଦା,୨୧।୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକରେ ବିଭିନ୍ନ ଧାନ ମଣ୍ଡିକୁ ମିଲର ଆସୁ ନ ଥିବାରୁ ଟୋକନ ଥିବା ସତ୍ତ୍ୱେ ଚାଷୀ ଅମଳ ଧାନ ବିକ୍ରି କରିପାରୁନାହାନ୍ତି। ଏନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ଡିସେମ୍ବରରୁ ମଣ୍ଡି ଆରମ୍ଭ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଠିକ୍ ଭାବେ ଚାଲିପାରି ନାହିଁ। ବ୍ଲକରେ ମୋଟ ୨୧ ସେବା ସମବାୟ ସମିତି ମାଧ୍ୟମରେ ଧାନ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ମାତ୍ର ଅଧିକାଂଶ ମଣ୍ଡି ଥରେ ଅବା ୨ ଥର ଖୋଲାଯାଇଛି। ଏହି ସମୟରେ ମଣ୍ଡିଗୁଡ଼ିକରେ କେବଳ ୫ରୁ ୧୦ ଜଣ ଧାନ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଚାଷୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ଟୋକନ ପାଇଛନ୍ତି। ମାତ୍ର ଅବଧି ଶେଷ ହୋଇଯିବାରୁ ଏହା କାମରେ ଲାଗୁ ନାହିଁ। ବହୁ ଚାଷୀଙ୍କ ଟୋକନ ଅବଧି ଏକ ମାସ ହେବ ଶେଷ ହୋଇଯାଇଛି। ବାଲିକୁଦା ବ୍ଲକରେ ଅନ୍‌ଲାଇନ୍‌ରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିଲେ ମଧ ବହୁ ଟୋକନର ଅବଧି ଶେଷ ହୋଇଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସୋମବାର ବାଲିକୁଦାର ଦୁଆ ସମବାୟ ସମିତିର ଚାଷୀମାନେ ଯୋଗାଣ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେହିପରି ଆମ୍ଭଶାଳ ସମିତିରେ ଚାଷୀ ତଥା ଜଗନ୍ନାଥ କୃଷକ ମୋର୍ଚ୍ଚାର ସଭାପତି ଧର୍ମାନନ୍ଦ ରାଉତ ମଣ୍ଡି ନ ଚାଲିଲେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି।

## ଯାଜପୁର ଜିଲାରେ ପୁନର୍ବାର ଭୋଟ ଦାବି କଲା ଭାଜପା

ଯାଜପୁର ଟାଉନ,୨୧।୨(ଡି.ଏନ.ଏ.)
ଯାଜପୁର ଜିଲାରେ ୩ ପର୍ଯ୍ୟାୟ ମତଦାନ ବେଳେ ବୁଥ ଦଖଲ, ଭୋଟବାକ୍ସ ଲୁଟ୍, ପୋଲିଂ ପାର୍ଟି ଦ୍ୱାରା ମଝି ରାସ୍ତାରେ ଅନିୟମିତତା, ବିଡିଓ, ପୋଲିସ ଓ ଖବରଦାତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏପରି ଘଟଣା ପରେ ଜିଲାରେ ଆଦୌ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ହୋଇନାହିଁ। ଏପରିସ୍ଥଳେ ନିର୍ବାଚନ କମିଶନ ଜିଲାରେ ଆଉ ଥରେ ଭୋଟ କରିବାକୁ ଜିଲା ଭାଜପା ସଭାପତି ଗୌତମ ରାୟ ଦାବି କରିଛନ୍ତି। ସୋମବାର ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାୟ ଅଭିଯୋଗ କରିଛନ୍ତି, ଜିଲା ପ୍ରଶାସନ ଓ ପୋଲିସ ବିଭାଗ ଚଳିତ ପଞ୍ଚାୟତ ନିର୍ବାଚନକୁ ଶାସକଦଳ ସପକ୍ଷରେ ନେବା ପାଇଁ ସବୁ ପ୍ରକାର ଅବ୍ୟବସ୍ଥାକୁ ନିମନ୍ତ୍ରଣ କରିଛନ୍ତି। ଅତି ସମ୍ବେଦନଶୀଳ ବୁଥ୍‌ରେ ଜଣେ ହୋମଗାର୍ଡକୁ ବସାଇ ଦିଆଯାଇଛି। ଯେଉଁ ବୁଥ୍‌ରେ ଶାସକଦଳର ସମର୍ଥକମାନେ ଦଖଲ କରି ଭୋଟ ନେବେ ସେଠାରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଥିଲା। ଖୋଦ୍ ଜିଲା ସଦର ମହକୁମା ସଂଲଗ୍ନ ଯାଜପୁର ବ୍ଲକର ବିଚିତ୍ରପୁର, ଜାଫରପୁର, ଖଇରାବାଦ, ମଶ୍ୱେରପୁର, ଜାହନପୁର ସମେତ ସଂଖ୍ୟାଧିକ ପଞ୍ଚାୟତରେ ୯୦ ପ୍ରତିଶତରୁ ଅଧିକ ମତଦାନ ତା'ର ପ୍ରମାଣ ବୋଲି ରାୟ କହିଛନ୍ତି। ବଡ଼ଚଣା ଓ ବିଞ୍ଝାରପୁର ବ୍ଲକରେ ବିଡିଓଙ୍କ ସହଯୋଗରେ ଶାସକ ଦଳକୁ ସୁହାଇଲା ଭଳି ବୁଥ ଦଖଲ କରାଯାଇଛି। ଦଶରଥପୁର ବ୍ଲକର ମଲ୍ଲିକାପୁରରେ ଭୋଟ ଗ୍ରହଣ ପରେ ପୋଲିଂ ପାର୍ଟି ରାସ୍ତାରେ ଅଟକି ଖାଲି ବାଲାଟ ପେପରରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ମୋହର ମାରି ବାକ୍ସରେ ଗଳାଇବା କଥା ଧରାପଡିବା ପରେ ଅନିୟମିତତା ସାମ୍ନାକୁ ଆସିଛି। ଭୋଟ ବାକ୍ସ ଲୁଟ୍ ଓ ଜବରଦଖଲ ଘଟଣାକୁ ଲୋକଲୋଚନକୁ ଆଣିବା ଯୋଗୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶାସକ ଦଳ ଗୁଣ୍ଡାମାନେ ଟାର୍ଗେଟ କରିଥିଲେ। ଯାହାର ପ୍ରମାଣ ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତରେ ୪ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ଏ କଥା ସ୍ପଷ୍ଟ କରିଛି। କେବଳ ଖବରଦାତା ନୁହଁନ୍ତି, ସେହି ବ୍ଲକର ଜରିରେ ପୋଲିସର ତଳିଆ କର୍ମଚାରୀ ନିର୍ମମ ଭାବେ ମାଡ ଖାଇବା ଓ କୋରେଇ ବ୍ଲକର ବିଡିଓ ମଧ ଆକ୍ରମଣର ଶୀକାର ହେବା ଘଟଣାକୁ ଦେଖିଲେ ଜିଲାରେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ସମ୍ପୂର୍ଣ୍ଣ ପ୍ରହସନରେ ପରିଣତ ହୋଇଛି। ଏସବୁ ଦିଗକୁ ଦେଖିଲେ ଜିଲାରେ ଆଗାମୀ ୨ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜନଗଣ ଅବାଧ ଭାବେ ଠିକ ମତଦାନ କରିଥିବା ଫଳାଫଳ ଦୃଷ୍ଟିକୁ ଆସିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। କେନ୍ଦ୍ରୀୟ ସୁରକ୍ଷା ବାହିନୀର ସହାୟତାରେ ଆଉଥରେ ସମସ୍ତ ବ୍ଲକରେ ସାନି ମତଦାନ କରିବାକୁ ରାୟ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିକଟରେ ଦାବି କରିଛନ୍ତି। ସମ୍ମିଳନୀରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଦିପ୍ତ ପଣ୍ଡା, ମଣ୍ଡଳ ସଭାପତି ଜିତାମିତ୍ର ଦାସ, ମନ୍ମଥ ବରାଳ, ପ୍ରଶାନ୍ତ ସାହୁ, ଜିତେନ୍ଦ୍ର ବେହେରା, ବିଜୟ ବେହେରା ଓ ଗୌରାଙ୍ଗ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଗୌତମ ରାୟ।

## ଷ୍ଟ୍ରଙ୍ଗରୁମ୍‌କୁ ନେଇ ଗୁଜବ, ଆଗରେ ଶତାଧିକ ଲୋକ



ରାଜନଗର ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଷ୍ଟ୍ରଙ୍ଗରୁମ୍ ଆଗରେ ଲୋକଙ୍କ ଭିଡ଼।

ରାଜନଗର,୨୧।୨(ଡି.ଏନ.ଏ.)

ରାଜନଗର ବ୍ଲକ ଅଧୀନ ୨୯ ପଞ୍ଚାୟତର ୩୬୩ ବୁଥ୍‌ରେ ରବିବାର ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ନିର୍ବାଚନ ପରେ ଭୋଟ ବାକ୍ସଗୁଡିକୁ କଡ଼ା ସୁରକ୍ଷା ବଳୟ ଭିତରେ ଅଣାଯାଇ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ରବିବାର ରାତିରେ ବିଭିନ୍ନ ପଞ୍ଚାୟତର ଲୋକ କଲେଜ ପରିସର ଷ୍ଟ୍ରଙ୍ଗରୁମ୍ ଆଗରେ ଜଗି ରହିଥିଲେ। ସୋମବାର କେତେଗୋଟି ଭୋଟବାକ୍ସକୁ ଦୁର୍ବୃତ୍ତମାନେ ନେଇ ଯାଇଥିବା ଗୁଜବ ପ୍ରଚାରିତ ହୋଇଥିଲା। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନଖି କରିଥିଲା। ସମସ୍ତ ସିଲ୍ ଠିକ୍ ଥିବା ବେଳେ କଡ଼ା ସୁରକ୍ଷାରେ ପୋଲିସ ଜଗିଥିବା ଜଣାପଡ଼ିଥିଲା। ଭିତରେ ଓ ବାହାରେ ସିସିଟିଭି ଲଗାଯାଇଛି। ଏହାସତ୍ତ୍ୱେ ମଧ କଲେଜ ପରିସରରେ ଶତାଧିକ ଲୋକ ଏକାଠି ହେଉଛନ୍ତି। ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ବୁଥ୍ ପରିବର୍ତ୍ତେ ବ୍ଲକ ହେଡ୍‌କ୍ୱାର୍ଟର୍ସରେ ଗଣତି ହେବ। ଗଣତି ପାଇଁ ଆଉ ୪ ଦିନ ବାକି ଅଛି।

## ଜିଲା ମହିଳା ବିଜେଡି ଉପସଭାନେତ୍ରୀ ନିଲମ୍ବିତ

କୁଜଙ୍ଗ, ୨୧।୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ମହିଳା ବିଜେଡି ଉପସଭାନେତ୍ରୀ ତଥା ପଙ୍କପାଳର ପୂର୍ବତନ ସରପଞ୍ଚ ସବିତା ମହାପାତ୍ରଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ସୋମବାର ଏକ ପ୍ରେସ ବିବୃତି ଜରିଆରେ ବିଜେଡି ଜିଲା ମହିଳା ସଭାନେତ୍ରୀ ସବିତା ମହାପାତ୍ର ସୂଚନା ଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ସମ୍ପର୍କରେ ସେଥିରେ ଉଲ୍ଲେଖ କରାଯାଇ ନ ଥିବା ବେଳେ ଜଣେ ଅସନ୍ତୁଷ୍ଟ ସରପଞ୍ଚ ପ୍ରାର୍ଥୀଙ୍କ ପାଇଁ ଶୋଭାଯାତ୍ରାରେ ସାମିଲ ହୋଇଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ନିଲମ୍ବିତ ଉପସଭାନେତ୍ରୀ ମହାପାତ୍ର କହିଛନ୍ତି, ପଞ୍ଚାୟତ ନିର୍ବାଚନରେ କୌଣସି ଦଳୀୟ ଚିହ୍ନ ନ ଥାଏ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ମାନି ସେ ଦଳ ପାଇଁ କାମ କରୁଛନ୍ତି। ଏହି ନିଲମ୍ବନ ତାଙ୍କପାଇଁ କୌଣସି ଫରକ ପଡ଼ିବ ନାହିଁ।

# ଗଡ଼ ରକ୍ଷା ପାଇଁ ବିଜେଡିର ରଣନୀତି

ଜଗତ୍‌ସିଂହପୁର ଅଫିସ, ୨୧।୨

**ଏରସମା ବ୍ଲକ ଜିଲା ପରିଷଦ ନିର୍ବାଚନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଏରସମା ବ୍ଲକର ୪ ଜିଲା ପରିଷଦ ଆସନ ସମେତ ସମସ୍ତ ୨୫ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଏନେଇ ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରଚାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗତ ନିର୍ବାଚନରେ ବିଜେଡି ସମସ୍ତ ୪ଟି ଯାକ ଜିଲା ପରିଷଦ ଆସନ ଅକ୍ତିଆର କରିଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସକୁ ୨୩,୬୩୬ ଖଣ୍ଡ ଭୋଟ ବ୍ୟବଧାନରେ ପଛରେ ପକାଇ ଗଡ଼ ସୃଷ୍ଟି କରିଥିଲା। ବିଜେଡି ପ୍ରାର୍ଥୀମାନଙ୍କୁ ରେକର୍ଡ ସଂଖ୍ୟକ ଅର୍ଥାତ୍ ୫୧,୫୩୬ ଖଣ୍ଡ ଭୋଟ ମିଳିଥିଲା। ଏହି ନିର୍ବାଚନରେ କଂଗ୍ରେସ ସପକ୍ଷରେ ମାତ୍ର ୨୭,୯୦୦ ଖଣ୍ଡ ଭୋଟ ଯାଇଥିଲା । ଭାଜପା ପ୍ରାର୍ଥୀମାନଙ୍କୁ ମାତ୍ର ୧୦,୧୩୯ ଖଣ୍ଡ ଭୋଟ ମିଳି ଦଳର ସ୍ଥିତି ଦୁର୍ବଳ ଥିବା ପ୍ରମାଣିତ କରିଥିଲା। ଆଗାମୀ ନିର୍ବାଚନରେ ବିଜେଡି ଗଡ ରକ୍ଷା ପାଇଁ ରଣନୀତି ଆପଣାଉଥିବାବେଳେ କଂଗ୍ରେସ ଓ ଭାଜପା ସ୍ଥିତି ସୁଧାରି ସଫଳତା ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। ଏରସମାର ୧,୨ ଓ ୩ ନଂ. ଜୋନ୍‌ରେ ୬ଟି ଲେଖାଏ, ୬ ଓ ୪ନଂ. ଜୋନ୍‌ରେ ୭ଟି ଲେଖାଏ ପଞ୍ଚାୟତ ରହିଛି। ଗତ ନିର୍ବାଚନରେ ଏରସମା ୧ନଂ. ଜିଲା ପରିଷଦ ଜୋନରୁ ବିଜେଡି, ଭାଜପା ଓ କଂଗ୍ରେସରୁ ୩ ଜଣ ପ୍ରାର୍ଥୀ ହୋଇଥିଲେ। ବିଜେଡିର ସ୍ୱର୍ଣ୍ଣଲତା ସେନାପତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଶୈଳବାଳା ରାଉତଙ୍କୁ ୪୦୭୦ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଥିଲେ। ସେହିପରି ଏରସମା ୨ନଂ. ଜୋନରେ ୪ ଜଣ ପ୍ରାର୍ଥୀ ହୋଇଥିବାବେଳେ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢେଇ ହୋଇଥିଲା। ଏଥିରେ ବିଜେଡିର ଦୀପ୍ତି ରଞ୍ଜନ କୁଅଁର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଷ୍ଣୁ ଚରଣ ମହାନ୍ତିଙ୍କୁ ୪୮୩୦ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ଏରସମା ୩ନଂ. ଜୋନରେ ମଧ ୪ ଜଣ ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନରେ ବିଜେଡିର ଗୀତାରାଣୀ ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁନିତା ରାଉତଙ୍କଠାରୁ ୬୭୪୩ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ଏରସମା ୪ନଂ. ଜୋନ୍‌ରେ ୪ ଜଣ ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସର ଅର୍ଚ୍ଚିତା ନାୟକଙ୍କଠାରୁ ବିଜେଡିର ଇତିଶ୍ରୀ ଭୂୟାଁ ୭୯୯୩ ଖଣ୍ଡ ଅଧିକ ଭୋଟ ପାଇଥିଲେ। ଏଥର ଏରସମା ୧ନଂ. ଜୋନ୍‌ରେ ବିଜେଡିରୁ ପ୍ରଣବ ସ୍ୱାଇଁ, କଂଗ୍ରେସରୁ ଧ୍ୱଜରାଜ ଖଣ୍ଡୁଆଳ, ଭାଜପାରୁ ସଞ୍ଜୟ ପରିଡ଼ା ଓ ଆମଆଦ୍‌ମୀ ପାର୍ଟିରୁ ରଶ୍ମିରଞ୍ଜନ ରାଉତ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଏରସମା ୨ନଂ. ଜୋନ୍‌ରୁ ବିଜେଡିରୁ ରାନି ଟୁଡୁ, କଂଗ୍ରେସରୁ ଦୁଲାରୀ ମାହାଳି, ଭାଜପାରୁ ସରସ୍ୱତୀ ସୋରେନ ଓ ବିଏସ୍‌ପିରୁ ଆରତୀ ମୁର୍ମୁ ପ୍ରାର୍ଥୀ ହୋଇଛନ୍ତି। ଏରସମା ୩ନଂ. ଜୋନ୍‌ରେ ବିଜେଡିରୁ ପୀତବାସ ଗୋଛାୟତ, କଂଗ୍ରେସରୁ ନଳିନୀ ରଞ୍ଜନ ବେହେରା, ଭାଜପାରୁ ନିରାକାର ସ୍ୱାଇଁ, ଏଏପିରୁ ବିନୋଦ କୁମାର ସାହୁ ଓ ସିପିଆଇରୁ ଶଶିଭୂଷଣ ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ଏରସମା ୪ନଂ. ଜୋନ୍‌ରେ ବିଜେଡିରୁ ତାମିଲ କୁମାର ପ୍ରଧାନ, କଂଗ୍ରେସରୁ ପିନାକୀ ନାରାୟଣ ଦାସ, ଭାଜପାରୁ ପଦ୍ମଲୋଚନ ଦାସ, ଏଏପିରୁ ବିଭୂତିଭୂଷଣ ସ୍ୱାଇଁ ଓ ବିଏସ୍‌ପିରୁ କୈଳାସ କଳାପାହାଡ଼ ପ୍ରାର୍ଥୀ ହୋଇଛନ୍ତି। ଚଳିତ ନିର୍ବାଚନରେ ଲଢେଇ ବିଜେଡି ଓ କଂଗ୍ରେସ ଭିତରେ ହେବ ବୋଲି କେତେଜଣ ରାଜନୈତିକ ବିଶେଷଜ୍ଞ ମତ ଦେଇଛନ୍ତି। କିନ୍ତୁ ବିଜେଡି ଗତଥର ଅପେକ୍ଷା ଅଧିକ ଭୋଟ ପାଇବ ଏବଂ ସମସ୍ତ ଜୋନରେ ଦଳୀୟ ପ୍ରାର୍ଥୀମାନେ ବହୁ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ବାଲିକୁଦା-ଏରସମା ବିଧାୟକ ତଥା ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର କିନ୍ତୁ ପୂର୍ବସ୍ଥିତିରେ ପରିବର୍ତ୍ତନ ହେବ ବୋଲି କହିବା ସହ ଦଳୀୟ ପ୍ରାର୍ଥୀଙ୍କୁ ସନ୍ତୋଷଜନକ ଭୋଟ ମିଳିବ ବୋଲି କହିଛନ୍ତି। ଭାଜପା ପକ୍ଷରୁ ମଧ ଅଧିକ ଭୋଟ ମିଳିବ ବୋଲି କୁହାଯାଇଛି।

# ସାନି ମତଦାନ ପାଇଁ ଅନଶନ

ପଟ୍ଟାମୁଣ୍ଡାଇ,୨୧।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଓଉପଦା ପଞ୍ଚାୟତ ବିଲପୋଖରିଆପଡ଼ା ଗାଁର ୧୧ନଂ. ୱାର୍ଡରେ ରବିବାର ମତଦାନକୁ ନେଇ ଗଣ୍ଡଗୋଳ ସୃଷ୍ଟି ହେବାରୁ ନିର୍ଦ୍ଧାରିତ ସମୟର ପ୍ରାୟ ୨ ଘଣ୍ଟା ପୂର୍ବରୁ ମତଦାନ ବନ୍ଦକରି ଦିଆଯାଇଥିଲା। ଫଳରେ ବହୁ ଭୋଟର ମତଦାନରୁ ବଞ୍ଚିତ ହୋଇଥିଲେ। ନିଜର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହୋଇଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସାଙ୍ଗକୁ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା। ରବିବାର ସନ୍ଧ୍ୟାରେ ବିଲପୋଖରିଆପଡ଼ା ଗାଁର ଶତାଧିକ ମହିଳାପୁରୁଷ ଭୋଟର ପ୍ରତିବାଦ ଜଣାଇବାକୁ ଆସି ପଟ୍ଟାମୁଣ୍ଡାଇ ବ୍ଲକରେ ପହଞ୍ଚିଥିଲେ। ସାନି ମତଦାନ ଦାବିରେ ଓଉପଦା ସରପଞ୍ଚ ପ୍ରାର୍ଥୀ କଳ୍ପନା ଖଟୁଆ, ପୂର୍ବତନ ସରପଞ୍ଚ ସୁବାସ ଖଟୁଆ, ଗୋଲକ ମଲିକ, ନିରାକାର ରାଉତ, କଳାକର ଭଳ, ଶଙ୍କର୍ଷଣ ସାହୁ, ଲୋକନାଥ ଖଟୁଆ, ପ୍ରମୋଦ ବେହେରା, ଭରତ ସେଠୀ, ହେମନ୍ତ ବିଶ୍ୱାଳ, ପର୍ଶୁରାମ ଭଳ, ଦମୟନ୍ତୀ ପ୍ରଧାନ ପ୍ରମୁଖ ବହୁସଂଖ୍ୟକ ଗ୍ରାମବାସୀ ସାନି ଭୋଟ ପାଇଁ ଅନଶନରେ ବସିଥିଲେ। ଏହି ଅନଶନ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏ ନେଇ ବ୍ଲକ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ଓ ବୁଦ୍ଧିଜୀବୀ ଅନଶନକୁ ସମର୍ଥନ କରିଛନ୍ତି। ସାନି ମତଦାନ ପାଇଁ ପ୍ରଶାସନ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ବିଲପୋଖରିଆପଡ଼ା ଗ୍ରାମବାସୀ କହିଛନ୍ତି। ତେବେ ଏ ସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀ ଭରତ ପରିଡ଼ାଙ୍କୁ ପଚାରିବାରେ ଏହି ଘଟଣା ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାପାଳ ଏ ସମ୍ପର୍କରେ ଆଇନ ଅନୁଯାୟୀ ଯାହା ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଥିଲେ।



ସାନି ମତଦାନ ନେଇ ଧାରଣା ଦେଇଥିବା ଗ୍ରାମବାସୀ।

# ଜିତାପଟ ପାଇଁ ଶେଷ ସଂଗ୍ରାମ

**ନୟାଗଡ଼ ଅଫିସ,୨୧।୨**

ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀ ଗଣିଆ ବ୍ଲକର ୮ ନଂ. ଜୋନ, ନୂଆଗାଁ ବ୍ଲକର ୧୬ ଓ ୧୭ ନଂ. ଜୋନ, ଦଶପଲ୍ଲା ବ୍ଲକର ୯, ୧୦ ଓ ୧୧ ନଂ. ଜିଲା ପରିଷଦ ଜୋନରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବର ଅନୁଷ୍ଠିତ ହେବ। ଏଭଳିସ୍ଥଳେ ବିଜେଡିର ଗଡ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଜିତାପଟର ହିସାବ ଗୋଳମାଳ ଧରୁଛି। ଏହି ନିର୍ବାଚନମଣ୍ଡଳୀରେ ବିଭିନ୍ନ ସ୍ଥାନରେ ବିଜେଡିରେ କନ୍ଦଳ ଲାଗି ରହିବା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ଦୋଳନ ରୂପ ନେବା ପରେ କର୍ମୀ, ସମର୍ଥକ ବୀତସ୍ପୃହ ହୋଇ ମୁହଁ ମୋଡିବା ଆରମ୍ଭ କରିଛନ୍ତି। ଯାହାକି ନିର୍ବାଚନର ଫଳାଫଳକୁ ଓଲଟପାଲଟ କରି ଦେବ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ଏଠାରେ ଭାଜପା ଓ କଂଗ୍ରେସର ସଙ୍ଗଠନ ଭଲ ନ ଥିଲେ ହେଁ ଭୋଟରଙ୍କ ପରିବର୍ତ୍ତନ ମୁହାଁକୁ କେଉଁ ଦଳ କେତେ ଲାଭ ଉଠାଉଛି ଦେଖିବାକୁ ବାକି ରହିଲା। ତେବେ ସୋମବାର ରାତିର ଅନ୍ଧାରି ବିଜେ ସବୁକୁ ଗୋଳମାଳ କରି ଦେବାର ଭୟ ସବୁ ଦଳକୁ ଘାରିଛି।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଚିତ ଦଶପଲ୍ଲା ନିର୍ବାଚନମଣ୍ଡଳୀ। ଏଠାରେ ଅନେକ ଗାଁ ରହିଛି ଯେଉଁଠାରେ ସର୍ବନିମ୍ନ ସୁବିଧା ମିଳୁନି। ଗାଁକୁ ଯିବାକୁ ନଦୀ ବାଧକ ସାଜୁଛି। ନଦୀରେ ପୋଲ ନିର୍ମାଣ କରିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ବିଧାୟକ, ଏମ୍‌ପି ପ୍ରମୁଖ ଲୋକ ପ୍ରତିନିଧି ଅଣଦେଖା କରି ଆସୁଛନ୍ତି ବୋଲି ଅଭିଯୋଗ ରହିଛି। ସେହିପରି ମଞ୍ଜାରୀ, ମୁଣ୍ଡୁଳି, ବଣି, ପ୍ରଧାନପଡା, ସାନମୁଣ୍ଡୁଳୀ, ଗାଡିଆପଡା, ମିଟୁକୁଳି, ଗୁରୁସାହି, କାବେରା, ଆସରଡା ପରି ଅଧିକାଂଶ ଗାଁକୁ ରାସ୍ତାନାହିଁ। ଝାଟିମାଟି ଭଙ୍ଗା ଘରେ ଆଦିବାସୀ ଦଳିତ ବର୍ଗର ଲୋକମାନେ ରହୁଥିଲେ ମଧ୍ୟ ସେମାନଙ୍କୁ ଆବାସ ଯୋଜନାରେ ଘରଟିଏ ନ ମିଳିବା ସରକାରୀ ଯୋଜନା ପ୍ରତି ପ୍ରଶ୍ନ ଉଠାଇଛି। ପୁଣି ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ନ ଦେବା ଅନ୍ୟ ଏକ ବିଫଳତା ବୋଲି କୁହାଯାଉଛି। ଗାଁରେ ଅନେକ ସମସ୍ୟା ଥିଲାବେଳେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଗାଁକୁ ଗଲେନି। ୫ ବର୍ଷର କ୍ଷମତା ମଧ୍ୟରୁ ୩ ବର୍ଷ ଚାଲିଗଲା ପରେ ପଞ୍ଚାୟତ ନିର୍ବାଚନ ସମୟରେ ଗାଁ ମନେ ପଡିଲା। ରାଗ ଜର୍ଜରିତ ହୋଇ ରହିଥିବା ଗାଁ ଲୋକଙ୍କ ସହ ସମ୍ପର୍କ ବଢ଼ାଇବା ମହଙ୍ଗା ପଡିଛି। କର୍ମୀ ସମର୍ଥକ ମୁହଁ ମୋଡିବା ପରେ ଭୋଟର ମଧ୍ୟ ଦୂରେଇ ଗଲାପରି ଲାଗୁଛି। କାରଣ ୩ଟି ଯାକ ବ୍ଲକର ବିଭିନ୍ନ ସ୍ଥାନରେ କର୍ମୀ ଓ ସମର୍ଥକ ବିଧାୟକଙ୍କର ନୀତିକୁ ବିରୋଧ କରିଛନ୍ତି। ସ୍ଥିତି ଏପରି ହେଲା ବିଧାୟକ ଗାଁ ଗହଳିକୁ ଯାଇ ଭୋଟ ପ୍ରଚାରକୁ ଡରିଲେ। ପଞ୍ଚାୟତ ନିର୍ବାଚନରେ ଯଦି ଦଳ ପରାଜୟର ମୁହଁ ଦେଖେ ତେବେ ସଙ୍ଗଠନ ସଜାଡିବା କାଠିକର ପାଠ ହୋଇ ପଡିବ। ବିଧାୟକଙ୍କର ଭାବମୂର୍ତ୍ତି ବିଗିଡିଯିବ। ଏଣୁ ବିଧାୟକଙ୍କର କିଛି ଖାସ୍ କର୍ମୀ, ନେତା ଶେଷ ମୁହୂର୍ତ୍ତରେ ପ୍ରୟାସ ଜାରି ରଖିଛନ୍ତି। ସୁବଠାରେ ଏବେ ଭାଜପା ଓ ବିଜେଡି ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ଗଣିଆ ବ୍ଲକର ୮ନଂ. ଜିଲା ପରିଷଦ ଜୋନରେ ସୁଶାନ୍ତ କୁମାର ନାୟକ (ଭାଜପା), ଚିନ୍ମୟୀ ମହାଲିକ (କଂଗ୍ରେସ), ନରେଶ ବେହେରା (ବିଜେଡି), କୃପାସିନ୍ଧୁ ନାୟକ (ବହୁଜନ ସମାଜ ପାର୍ଟି) ପ୍ରାର୍ଥୀ ହୋଇଛନ୍ତି। ଦଶପଲ୍ଲା ବ୍ଲକର ୯ ନଂ. ଜୋନରେ ଗୋରେଖ କହଁର (ଭାଜପା), ସୁବାସ ଚନ୍ଦ୍ର ମଲ୍ଲିକ (କଂଗ୍ରେସ), ହରିଶ୍ଚନ୍ଦ୍ର ଜାନୀ (ବିଜେଡି)ରୁ ପ୍ରାର୍ଥୀ ଅଛନ୍ତି। ୧୦ନଂ. ଜୋନରେ ସଙ୍ଗୀତା କୁମାରୀ ନାୟକ (ଭାଜପା), ବନିତା ବେହେରା (କଂଗ୍ରେସ), ସତ୍ୟଭାମା ନାୟକ (ବିଜେଡି), ଲକ୍ଷ୍ମୀ ନାୟକ (ବହୁଜନ ସମାଜ ପାର୍ଟି) ଓ ମମତା ପ୍ରଧାନ (ସ୍ୱାଧୀନ) ନିର୍ବାଚନ ଲଢୁଛନ୍ତି। ୧୧ନଂ. ଜୋନରେ ଦେବେନ୍ଦ୍ର କୁମାର ପ୍ରଧାନ (ଭାଜପା), ଅର୍ଜ୍ଜୁନ ପ୍ରଧାନ (କଂଗ୍ରେସ), ବସନ୍ତ କୁମାର ପ୍ରଧାନ (ବିଜେଡି) ଓ ଶରତ ଚନ୍ଦ୍ର ବେହେରା ଭାରତ କମ୍ୟୁନିଷ୍ଟ ପାର୍ଟି(ମାର୍କବାଦୀ)ର ମଇଦାନରେ ଅଛନ୍ତି। ନୂଆଗାଁ ବ୍ଲକର ୧୬ ନଂ. ଜୋନରେ ସନ୍ଧ୍ୟାରାଣୀ ସେଠୀ (ଭାଜପା), ରଜନୀ ଦାସ (କଂଗ୍ରେସ), ଜସ୍ମିନ ଦାସ (ବିଜେଡି) ଓ ରିତା ନାୟକ (ବହୁଜନ ସମାଜ ପାର୍ଟି) ଲଢୁଛନ୍ତି। ୧୭ନଂ. ଜୋନରେ ପାର୍ବତୀ ମୁଦୁଲି (ଭାଜପା), କଳ୍ପନା ଚମ୍ପତି (କଂଗ୍ରେସ), ପ୍ରତିମା ଦଳବେହେରା (ବିଜେଡି) ଓ ଲୋପାମୁଦ୍ରା ଦାଶ (ସ୍ୱାଧୀନ) ନିର୍ବାଚନ ମଇଦାନରେ ଅଛନ୍ତି।



ଦଶପଲ୍ଲା ବ୍ଲକରେ ପଞ୍ଚାୟତ ନିର୍ବାଚନ ଲାଗି ପୋଲିଂ ପାର୍ଟି ସାମଗ୍ରୀ ନେଇ ବୁଥ୍ ଅଭିମୁଖେ ଯାଉଛନ୍ତି।

**୪ର୍ଥ ପର୍ଯ୍ୟାୟରେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ୬ ଜୋନ**
- ଅନ୍ଧାରି ବିଜେ ଶେଷ ଭରସା
- କର୍ମୀ, ସମର୍ଥକ ମୁହଁ ମୋଡ଼ିଲେ

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ଗିରଫ ଦାବି ଜୋର ଧରିଲା

#### ନିର୍ବାଚନରେ ଖବରଦାତାଙ୍କୁ ଆକ୍ରମଣ ଘଟଣା

**ନୟାଗଡ ଅଫିସ,୨୧।୨:** ପଞ୍ଚାୟତ ନିର୍ବାଚନରେ ଗଣମାଧମର ପ୍ରତିନିଧିମାନଙ୍କୁ କଣାସ, ପିପିଲି, ଚାନ୍ଦବାଲି ବିଞ୍ଝାରପୁର ଓ ନୟାଗଡ଼ ପରି ଅଞ୍ଚଳରେ ଆକ୍ରମଣ ହୋଇଛି। ଏହାର ପ୍ରତିବାଦରେ ନୟାଗଡ଼ ଜିଲା ସାମ୍ବାଦିକ ସଂଘ ଓ ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲା ଶାଖା ପକ୍ଷରୁ ପ୍ରତିବାଦ କରାଯାଇଛି। ଅନ୍ୟପକ୍ଷେ ଏ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଖବରଦାତା ସୁରକ୍ଷା ଆଇନ ଲାଗୁ କରିବାକୁ ଏଥିରେ ଦର୍ଶାଯାଇଛି। ପ୍ରକାଶ ଥାଉକି, ରାଜ୍ୟର ବିଭିନ୍ନସ୍ଥାନରେ ଗଣମାଧମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଏକ ଖରାପ ବାର୍ତ୍ତା ଯାଉଛି। ସବୁ କ୍ଷେତ୍ରରେ ଗଣମାଧମକୁ ଖୋଜା ପଡୁଥିବାବେଳେ ସେମାନଙ୍କ ଆକ୍ରମଣକୁ ଅଣଦେଖା କରିବା ଠିକ୍ ହେଉନାହିଁ। ଇଟାମାଟି ଥାନାର ହରିପୁର ବୁଥ୍‌ରେ ରିଗିଂ ହେଉଥିବାବେଳେ ଅର୍ଗସ ନ୍ୟୁଜର ଜିଲା ପ୍ରତିନିଧି ଶିବରାମ ମହାପାତ୍ର ଓ ଓଡଗାଁ ବ୍ଲକ ପ୍ରତିନିଧି ଅଭିଷେକ ମହାପାତ୍ରଙ୍କୁ ମାରପିଟ୍ ହୋଇଥିଲା। ଏ ନେଇ ଶିବରାମ ଇଟାମାଟି ଥାନାରେ ଅଭିଯୋଗ କରିବା ପରେ ନଂ. ୩୨/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଶିବରାମ ଅଭିଯୋଗରେ ଦର୍ଶାଇଛନ୍ତି ୪ ଜଣଙ୍କ ନେତୃତ୍ୱରେ ହରିପୁରର ଗାଁର ମହିଳାପୁରୁଷ ମିଳିତ ଭାବେ ଆକ୍ରମଣ କରିଥିଲେ।

### ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ୧୩୮ ସମ୍ବେଦନଶୀଳ ବୁଥ୍

**ନୟାଗଡ଼ ଅଫିସ,୨୧।୨:** ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀର ୬ଟି ଜୋନରେ ୪୬୭ଟି ସ୍ଥାନରେ ୭୩୮ ବୁଥ୍ ରହିଛି। ଏଥିମଧ୍ୟରୁ ୧୩୮ ବୁଥ୍ ଉତ୍ତେଜନାପ୍ରବଣ ରହିଛି। ଉତ୍ତେଜନା ବୁଥ୍ ମଧ୍ୟରେ ଦଶପଲ୍ଲା ଥାନାରେ ୪୫, ଗଣିଆ ଥାନାରେ ୧୭, ନୂଆଗାଁ ଥାନାରେ ୭୬ ବୁଥ୍ ରହିଛି। ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର, ଦୁଇ ଜଣ ପୋଲିଂ ଅଫିସର, ଜଣେ ପୋଲିସ ଏପରି ୪ଜଣ କର୍ମଚାରୀ ମୋଟରେ ୨,୯୫୨ ଜଣ ନିୟୋଜିତ ହୋଇଛନ୍ତି। ୩ ବ୍ଲକର ୫୦ ପଞ୍ଚାୟତ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୧ ଇନ୍ସପେକ୍ଟର, ୧୭୬ ଗ୍ରାମରକ୍ଷୀ ନିୟୋଜନ କରାଯାଇଛନ୍ତି। ଅନ୍ୟପକ୍ଷେ ଉତ୍ତେଜନାପ୍ରବଣ ବୁଥ୍‌କୁ ନିୟନ୍ତ୍ରଣ ପାଇଁ ୩୫ ମୋବାଇଲ ସ୍କ୍ୱାଡ୍ ଗଠନ କରାଯାଇଛି। ୧୩ ବାଇକ୍‌ରେ ୨୫ ଆର୍ମଗାର୍ଡ ବିଭିନ୍ନ ବୁଥ୍ ବୁଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ୯ଜଣ ସୁପରଭାଇଜିଂ ଅଫିସର ନିୟନ୍ତ୍ରଣ କରିବେ। ଏଠାରେ ଗୋଟିଏ ପିଙ୍କ୍ ବୁଥ୍ କରାଯାଇଛି। ବୁଥ୍‌ର ସମସ୍ତ ପୋଲିଂ କର୍ମଚାରୀ ମହିଳା ରହିଛନ୍ତି।

### ୬୨୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

**ପୁରୁଷୋତ୍ତମପୁର,୨୧।୨(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ବ୍ଲକରେ ମଙ୍ଗଳବାର ୬୨୪ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟର ନିର୍ଦ୍ଧାରଣ କରିବେ। ଶାନ୍ତିଶୃଙ୍ଖଳାର ସହ ମତଦାନ କରିବାକୁ ବ୍ଲକ ନିର୍ବାଚନ ଅଧିକାରୀ ବିଜୟ ବେହେରା ଓ ତହସିଲଦାର ନିତିଶ୍ ତ୍ରିପାଠୀଙ୍କ ସହ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ପୋଲିସ ଅଧିକାରୀ ଓ ଫୋର୍ସ ନଜର ରଖିଛନ୍ତି।

## ଭୋଟ ବର୍ଜନକାରୀଙ୍କୁ ମନେଇପାରିଲେନି

**ନୟାଗଡ଼ ଅଫିସ,୨୧।୨**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ୯ ନଂ. ଜିଲା ପରିଷଦ ଜୋନ୍ ଦୁଢ଼ା ପଞ୍ଚାୟତ ୪ ଆଦିବାସୀ ଗାଁର ୪୯୮ ଭୋଟର ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ହେଲେ ଏହି ବର୍ଜନ ଧମକ ଦେଇଥିବା ଗାଁର ଲୋକଙ୍କୁ କୌଣସି ରାଜନୈତିକ ଦଳର ପ୍ରାର୍ଥୀ ଅଥବା ନେତା କି ପ୍ରଶାସନ ମନେଇ ପାରିନାହାନ୍ତି। ଜୁରାଗଣ୍ଡା, ବାଇଝରୀ, ରାଣିଝରୀ ଓ ମାଣ୍ଡିବିଡା ଗାଁର ଆଦିବାସୀମାନେ ପଞ୍ଚାୟତ ପରିବର୍ତ୍ତନ ନେଇ ଦୀର୍ଘ ୫ ବର୍ଷ ହେଲା ଦାବିକରି ଆସୁଛନ୍ତି। ହେଲେ ସେମାନଙ୍କ ଅଭିଯୋଗକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ରହିଛି। ଜୁରାଗଣ୍ଡା, ବାଇଝରୀ, ରାଣିଝରୀ ଓ ମାଣ୍ଡିବିଡା ଗାଁରେ ୪୯୮ ଭୋଟର ଥିବାବେଳେ ଏହାର ଲୋକସଂଖ୍ୟା ୬୦୦। ଗାଁରେ ରାସ୍ତା, ପାନୀୟଜଳ, ଶିକ୍ଷା ପରି ଅନେକ ସମସ୍ୟା ରହିଛି। ଏହି ୪ଟି ଗାଁ ପୂର୍ବରୁ ବାଣୀଗୋଛା ପଞ୍ଚାୟତରେ ଥିଲା। ଗାଁଠାରୁ ବାଣୀଗୋଛାର ଦୂରତା ୮ କିମି। ୨୦୦୨ରେ ଏହି ଗାଁ କୁଲୁରୁକୁମ୍ପା ପଞ୍ଚାୟତକୁ ଆସିଥିଲା। କୁଲୁରୁକୁମ୍ପାଠାରୁ ଏହି ଗାଁଗୁଡିକର ଦୂରତା ୭ କିମି। କୁଲୁରୁକୁମ୍ପା ପଞ୍ଚାୟତ ହେଲା ପରେ ସ୍ଥାନୀୟ ଆଦିବାସୀ ଖୁସି ଥିଲେ। ତେବେ ୨୦୧୭ରେ ପୁଣି ପଞ୍ଚାୟତ ପୁନର୍ଗଠନ କରି ୪ଟି ଗାଁକୁ ଦୁଢ଼ା ପଞ୍ଚାୟତକୁ ନିଆଗଲା। ଦୁଢ଼ା ପଞ୍ଚାୟତକୁ ଯିବାପରେ ୪ଟି ଗାଁର ସମସ୍ୟା ବଢ଼ିଗଲା। ୪ଟି ଗାଁର ବୃଦ୍ଧାବୃଦ୍ଧ, ବିଧବା ପଞ୍ଚାୟତରୁ ଭତ୍ତା ଆଣିବା କଷ୍ଟକର ହେଲା। ଜଙ୍ଗଲ, ଘାଟିରାସ୍ତା ଦେଇ ଗାଁ ଲୋକେ ୧୮ କିମି ଯିବା କାଠିକର ହୋଇପଡ଼ିଲା।

## ଖଣ୍ଡପଡ଼ା ବ୍ଲକରେ ୫୦ ଅତି ଉତ୍ତେଜନାପ୍ରବଣ ବୁଥ୍

**ଖଣ୍ଡପଡ଼ା, ୨୧।୨ (ସ୍ୱ.ପ୍ର.)**

- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ଭୋଟରଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ଆସନ୍ତା ୨୪ ତାରିଖରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତର ୩୮୨ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ । ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି ବ୍ଲକର ବଡ଼ବାଣପୁର, ବୋଦସା, ରୟତଢୋଲମରା, ସିଂଘାପଡ଼ା, ଜଗନ୍ନାଥପ୍ରସାଦ, ଗୁଣ୍ଠୁଣି, ରାଣୀପଡ଼ା, ବେଣାଗାଡ଼ିଆ ପଞ୍ଚାୟତର ୫୦ ବୁଥ୍ ଅତି ଉତ୍ତେଜନା ପ୍ରବଣ ବୋଲି ପ୍ରଶାସନ ଚିହ୍ନଟ କରିଛି । ସମସ୍ତ ବୁଥ୍‌ରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳା ସହ ମତଦାନ ଶେଷ କରିବାକୁ ପୋଲିସ ପକ୍ଷରୁ ୧୫ ମୋବାଇଲ ପାର୍ଟି, ୨ ସେକ୍ସନ ପୋଲିସ ଫୋର୍ସକୁ ନିୟୋଜିତ କରାଯାଇଛି । ୫ ପୋଲିସ ଇନ୍ସପେକ୍ଟର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଡିଏସ୍‌ପି ବିଭିନ୍ନ ବୁଥ୍ ପରିଦର୍ଶନ କରି ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବେ ବୋଲି ସୂଚନା ମିଳିଛି। ସେହିପରି କୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ଖଣ୍ଡପଡ଼ା ଥାନା, ଗଡିଆସାହି, କୋସକା ଓ କଣ୍ଟିଲୋ ଫାଣ୍ଡିକୁ ଜନସାଧାରଣ ଖବର ଦେବାକୁ ଅନୁରୋଧ କରାଯାଇଛି ।

ସମସ୍ତ ବୁଥ୍‌ରେ ଭୋଟରମାନେ ଯେପରି ନିର୍ଭୟରେ ମତଦାନ କରିପାରିବେ ସେଥିପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ଖଣ୍ଡପଡ଼ା ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରିଣୀ ଅରୁଣିମା ସାହୁ କହିଛନ୍ତି । ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ ସହ ଅସାମାଜିକ ବ୍ୟକ୍ତିମାନଙ୍କୁ ଧରପଗଡ଼ ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି ।

## ଗଳିକନ୍ଦିରେ ମିଳୁଛି ବିଦେଶୀ ମଦ

### ଜିଲା ଅବକାରୀ ବିଭାଗ, ପ୍ରଶାସନ ନୀରବଦ୍ରଷ୍ଟା

**ନୂଆଗାଁ, ୨୧।୨(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ନିର୍ବାଚନ ସମୟରେ ଚା, ପାନ ଦୋକାନ, ହୋଟେଲ ଏପରିକି ଗଳିକନ୍ଦିରେ ବିଦେଶୀ ମଦ ମିଳୁଥିବା ବେଳେ ଅବକାରୀ ବିଭାଗ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

ପଞ୍ଚାୟତ ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ଓ ନିର୍ବାଚନ ଦିନ ମଦ ବେପାରକୁ ନିଷିଧ କରାଯାଇଛି। ନିର୍ବାଚନ ହେଉଥିବା ଅଞ୍ଚଳରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନକୁ ବନ୍ଦ କରିବା ସହ ଚୋରା ମଦ ବେପାରୀଙ୍କୁ ଧରି ମାମଲା ରୁଜୁ କରାଯିବ। ନିର୍ବାଚନ ପରଦିନ ସକାଳ ୧୦ଟା ପରେ ମଦ ଦୋକାନ ଖୋଲିବ। ସରକାରଙ୍କୁ ଟିକସ ଫାଙ୍କି ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ପଞ୍ଚାୟତ ନିର୍ବାଚନ ସମୟରେ ଅଧିକ ମଦ ବିକ୍ରି କରିବା ଆଶଙ୍କା ଥିବାରୁ ମଦ ଦୋକାନୀଙ୍କ ଦୈନିକ କ୍ରୟ ଓ ବିକ୍ରୟର ହିସାବ ଯାଞ୍ଚ କରିବାର ନିୟମ ମଧ୍ୟ ରହିଛି। ଏତେସବୁ ଆଇନ ପରେ ବି ନୂଆଗାଁ ଥାନା ଅଞ୍ଚଳର ହୋଟେଲ, ପାନ, ଚା ଦୋକାନ ସମେତ ଗଳି କନ୍ଦିର ବିଭିନ୍ନ ସ୍ଥାନରେ ଚଢା ଦରରେ ଅବାଧ ବିଦେଶୀ ମଦ ବେପାର ଚାଲିଛି। ପୋଲିସ ପକ୍ଷରୁ କାଁ ଭାଁ ଚଢାଉ କରି ଛୋଟକାଟିଆ ଦେଶୀ ମଦ ବେପାରୀଙ୍କୁ ଗିରଫ କରାଯାଉଥିବା ବେଳେ ବିଦେଶୀ ମଦ ବେପାରୀଙ୍କ ପ୍ରତି ଅନୁକମ୍ପା ଦେଖାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ନୂଆଗାଁ ବ୍ଲକ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ବିଦେଶୀ ମଦ ଦୋକାନକୁ ସିଲ୍ କରିଦିଆଯାଇଛି ବୋଲି କହିଛନ୍ତି। ଆଇଆଇସି ବସନ୍ତ କୁମାର ସାହୁଙ୍କୁ ପଚାରିବାରେ ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।

## ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥ ଲାଗି କାଠ ଅନୁକୂଳ



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ କାଠ ପାଇଁ ଆମ୍ବ ଗଛକୁ ପୂଜାର୍ଚ୍ଚନା କରାଯାଉଛି।

**ଖଣ୍ଡପଡ଼ା, ୨୧।୨ (ସ୍ୱ.ପ୍ର.)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥ ନିର୍ମାଣ ପାଇଁ ଖଣ୍ଡପଡାଠାରେ ସୋମବାର କାଠ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଭୁଙ୍କ ଆଜ୍ଞାମାଳ ନେଇ ବରିଷ୍ଠ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ମହାପାତ୍ର, ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥି, ତହସିଲଦାର ପାର୍ଥ ସାରଥୀ ହାଁସଦା, ବନପାଳ ଶ୍ରୀନିବାସ ଦାଶଙ୍କ ସମେତ ଏସିଏଫ ହିମାଂଶୁ ଶେଖର ମୁଦୁଲି ଓ ଶ୍ୱେତାଲୀନା ସାହୁଙ୍କ ଉପସ୍ଥିତିରେ ଖଣ୍ଡପଡା ସହର ୧ ନଂ. ୱାର୍ଡ ଅଧୀନ କରଡାବଣି ଗ୍ରାମ ନିକଟରେ ୨ଟି ଆମ୍ବଗଛ ପୂଜାର୍ଚ୍ଚନା କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଆମ୍ବଗଛ କଟାଯାଇ କାଠଗଣ୍ଡିଗୁଡିକୁ ପ୍ରଭୁ ଶ୍ରୀଲିଙ୍ଗରାଜ ଦେବଙ୍କ ମନ୍ଦିର ନିକଟସ୍ଥ ରଥଖଳାକୁ ପଠାଇ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ଶତପଥି ସୂଚନା ଦେଇଛନ୍ତି।

## ଦଶପଲ୍ଲା ପ୍ରିମିୟର ଲିଗ୍ ପାଇଁ ଖେଳାଳି ଚୟନ

**ଦଶପଲ୍ଲା,୨୧।୨(ଡି.ଏନ.ଏ.)**

ଦଶପଲ୍ଲା କ୍ରିକେଟ କ୍ଲବ ପକ୍ଷରୁ ଦଶପଲ୍ଲା ପ୍ରିମିୟର ଲିଗ ପାଇଁ ଖେଳାଳି ଚୟନ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଦଶପଲ୍ଲା ଅଞ୍ଚଳରେ ଥିବା କ୍ରିକେଟ ଖେଳାଳିମାନଙ୍କୁ ଚିହ୍ନଟ କରିବାକୁ ଏହି ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଛି। ସମୁଦାୟ ୬ ଟି ଦଳ ଏହି ଲିଗ୍‌ରେ ଅଂଶ ଗ୍ରହଣ କରିଥିଲେ। ଏହି ୬ ଟି ଦଳ ଖେଳାଳିଙ୍କୁ ଚିହ୍ନଟ କରାଯାଇ ନିଲାମୀ ପ୍ରକ୍ରିୟାରେ ୧୦ ହଜାର ଟଙ୍କା ଭିତରେ ୧୦ ଜଣଙ୍କୁ କିଣିପାରିବେ। ଏହି ନିଲାମୀ ଦଶପଲ୍ଲା କ୍ରିକେଟ କ୍ଲବର ସଭାପତି ସୁଶାନ୍ତ କୁମାର ସିଠଙ୍କ ତତ୍ତ୍ୱବଧାନରେ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁଶାନ୍ତ, ପ୍ରଶାନ୍ତ କୁମାର ମହାନ୍ତି, କିଶୋର ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଡିଜିଟାଲ ମିଡ଼ିଆର ଖବରଦାତାମାନେ ଯୋଗ ଦେଇଥିଲେ। ଏଥିସହ ଦଶପଲ୍ଲା ୬ଟି ଟିମ୍‌ର ମୁଖ୍ୟ ଏହି ନିଲାମୀରେ ଭାଗ ନେଇ ଥିଲେ। ସେମାନେ ହେଲେ ଟାଇଗର ପ୍ରାଇଟସ୍‌ର ବିଜୟ କାନ୍ତ ସାହୁ, ଇସାନି ଦ ଇପିକ୍ ବାଷ୍ଟରର ସଞ୍ଜୟ କୁମାର ଜେନା, ମହାବୀର ମଲ୍ଟୀ ଜିମର ସନ୍ତୋଷ କୁମାର ସାହୁ, ସିଲେକ୍ସନ ଓରିଅର୍‌ର ଦୀପ୍ତି ରଞ୍ଜନ ମହାପାତ୍ର, ବ୍ଲାକ ହାର୍ଟସ୍‌ର ଅମୀୟ କୁମାର ସାହୁ, ବୈଶାଳୀ ଜଗୁଆରର କାଳୀଚରଣ ସାହୁ ଅଂଶଗ୍ରହଣ କରିଥିଲେ। ଏହି ନିଲାମୀ ପ୍ରକ୍ରିୟା ଶେଷରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ଅଲ ଓଡ଼ିଶା ଅଙ୍ଗନୱାଡି କର୍ମୀ ଦଶପଲ୍ଲା ଶାଖାର ବୈଠକ

**ଦଶପଲ୍ଲା,୨୧।୨( ଡି.ଏନ.ଏ.)**

ଅଲ ଓଡ଼ିଶା ଅଙ୍ଗନୱାଡି ଦଶପଲ୍ଲା ଶାଖାର ଏକ ବୈଠକ ସ୍ଥାନୀୟ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଛିଦିନ ତଳେ ନୟାଗଡ ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ର ବିଷୟ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ୫ ଦଫା ସମ୍ବଳିତ ଏକ ଦାବି ସ୍ଥାନୀୟ ସିଡିପିଓଙ୍କୁ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। କର୍ମୀମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ଆଲୋଚନା ହୋଇଥିଲା। ଏଥିରେ ଭାରତୀୟ ମଜ୍‌ଦୁର ସଂଘର ନୟାଗଡ଼ ଜିଲା ସମ୍ପାଦକ ସୁକାନ୍ତ ମହାପାତ୍ର, ଦଶପଲ୍ଲା ବ୍ଲକ ସଭାପତି ପ୍ରକାଶ କୁମାର ପାଣି, ପ୍ରମୁଖ ଯୋଗଦାନ କରିଥିଲେ। ଅଙ୍ଗନୱାଡି ଦଶପଲ୍ଲା ବ୍ଲକ ସଭାନେତ୍ରୀ ବିନୋଦିନୀ ଦେଇ, ଉପସଭାନେତ୍ରୀ ସାବିତ୍ରୀ ଦାଶ, ସମ୍ପାଦକ ଭାନୁମତୀ ପ୍ରଧାନ, ପ୍ରତିମା ସାହୁ, ମଞ୍ଜୁଲତା ସାହୁ, ଜୟାମଣି ଦେଇ, ରାଧାଦେଇ, ରମା ଜାନୀ, ସୁଷମା ରାଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।




ବୈଠକରେ ଯୋଗ ଦେଇଥିବା ଅଙ୍ଗନୱାଡି କର୍ମୀ ଅନ୍ୟମାନେ।

## ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ନିଜ ପାଇଁ ଭୋଟ ଭିକ୍ଷା

**ନୟାଗଡ଼ ଅଫିସ,୨୧।୨**

- ଭାପୁର ବ୍ଲକର ୨୦ନଂ.ଜୋନରେ ତ୍ରିମୁଖୀ ଲଢ଼େଇ
- ଭୋଟରଙ୍କ ଉପରେ ଛାଡ଼ିଲେ ଜିଲା ପରିଷଦ ଭୋଟ

ନୟାଗଡ଼ ଜିଲାର ଭାପୁର ବ୍ଲକର ୨୦ନଂ. ଜିଲା ପରିଷଦ ଜୋନ ବଡସହରା, ବାଇଗୁଣିଆ, ନିମାଣି, ଭଗବାନପୁର, ବାଘୁଆପଲ୍ଲୀ ପଞ୍ଚାୟତକୁ ନେଇ ଗଠିତ। ଏହି ଜୋନରେ ଆସନ୍ତା ୨୪ ତାରିଖରେ ଶେଷ ପର୍ଯ୍ୟାୟ ନିର୍ବାଚନ ହେବ। ଜୋନର ପ୍ରାର୍ଥୀ ପ୍ରଚାର ପାଇଁ ଅଧିକ ସମୟ ପାଇଛନ୍ତି। ତେବେ ସ୍ଥାନୀୟ ପଞ୍ଚାୟତଗୁଡିକରେ ବିଜେଡିର ସରପଞ୍ଚ ଓ ସମିତିସଭ୍ୟର ଏକାଧିକ ସମର୍ଥକ ପ୍ରାର୍ଥୀ ନିଜ ପାଇ ଭୋଟ ମାଗି ଜିଲା ପରିଷଦ ପ୍ରାର୍ଥୀଙ୍କୁ ଅଣଦେଖା କରିବା ଚିନ୍ତା ବଢ଼ାଇଛି। ଭୋଟରଙ୍କ ମର୍ଜିରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଛାଡି ଦେଇଛନ୍ତି ଜିଲା ପରିଷଦ ଭୋଟକୁ। ଯାହାକି ବିଜେଡି ପାଇଁ ଭୋଟ ବିଭାଜନ କରି ଦଳକୁ କ୍ଷତିରେ ପହଞ୍ଚାଇଛି। ବିଦ୍ରୋହ ଭୋଟକୁ ନିଜ ସପକ୍ଷରେ ନେଇ ବିଜେଡି ଗଡକୁ ଭାଜପା ଛଡାଇ ନେବାକୁ ରଣନୀତି ଆପଣେଇଛି। ତେବେ ବିଜେଡି ପଛରେ ନ ପଡି ନିଜର ସ୍ଥିତି ଜାହିର ରଖିବାକୁ ଅନୁରୂପ ଗୋଟି ଚାଳନା ଜାରି ରଖିଛି। କଂଗ୍ରେସ ସମେତ ଅନ୍ୟ ଦଳ ପଛରେ ପଡି ନାହାନ୍ତି। ପ୍ରଚାରରେ ଭାଜପା ଓ ବିଜେଡି ଦଳ ଆଗୁଆ ରହିଛନ୍ତି। ଏଠାରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହେଉଥିବା ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ସଞ୍ଜୟ କୁମାର ଦାସ (ଭାଜପା), ପୂର୍ଣ୍ଣଚନ୍ଦ୍ର ପ୍ରଧାନ (କଂଗ୍ରେସ), ବିଜୟ କୁମାର ସାମନ୍ତରାୟ (ବିଜେଡି) ଓ ସନ୍ତୋଷ କୁମାର ସାହୁ (ସ୍ୱାଧୀନ ) ନିର୍ବାଚନ ଲଢୁଛନ୍ତି।

ଭାଜପା ପ୍ରାର୍ଥୀ ସଞ୍ଜୟ କୁମାର ଦାସ ୨୦୧୨ ପଞ୍ଚାୟତ ନିର୍ବାଚନରେ ୫୦୦ରୁ ଭୋଟରେ ହାରିଥିଲେ। ଦାସଙ୍କର ସ୍ଥାନୀୟ ଅଞ୍ଚଳରେ ଭଲ ଲୋକ ପ୍ରିୟତା ଅଛି। ଭାଜପା ଟିକେଟ ପାଇବା ପରେ ସେ କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡିଥିଲେ। ଘରକୁ ଘର ବୁଲି ନିଜ ପାଇଁ ଭୋଟ ପ୍ରଚାର କରିଥିଲେ। ବିଜେଡି ପ୍ରାର୍ଥୀ ବିଜୟ କୁମାର ସାମନ୍ତରାୟ ରାଜନୀତିରେ ନବାଗତ ହୋଇଥିବାବେଳେ ତାଙ୍କ ଘର ଭାପୁର ବ୍ଲକର ୧୯ ନଂ. ଜୋନରେ। ଯାହାକି ପ୍ରଥମେ କଷ୍ଟକର ହୋଇଥିଲା। ତେବେ ଦଳର ରାଜ୍ୟ ମୁଖିଆଙ୍କର ଚିହ୍ନରେ ପ୍ରାର୍ଥୀ ହେବାରୁ ପୁରୁଣା ସଙ୍ଗଠନକୁ ଆଦରି ନେଲେ। ତେବେ ବ୍ଲକରେ ଶାସକ ଦଳର ଦୁର୍ନୀତି ସାଧାରଣ ଲୋକଙ୍କୁ ବିତସ୍ପୃହ କରି ପକାଇଛି। ପୁଣି ଦଳୀୟ ଗୋଷ୍ଠୀ କନ୍ଦଳ ଚିନ୍ତା ଜନକ। ଏଭଳିସ୍ଥଳେ ବିଜେଡିର ସମର୍ଥନରେ ସରପଞ୍ଚ ଓ ସମିତିସଭ୍ୟ ପାଇଁ ଏକାଧିକ ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇବା କଷ୍ଟସାଧ୍ୟ ରହିଛି। ପୁଣି ପଞ୍ଚାୟତ ନିର୍ବାଚନରେ ବିଜେଡିର ବିଧାୟକ ପ୍ରଚାରକୁ ସମୟ ନ ଦେବା ଅନ୍ୟତମ ଚିନ୍ତାର କାରଣ। ବିଜେଡିର ପ୍ରାର୍ଥୀ ଏତେ କଷ୍ଟ ମଧ୍ୟରେ ନିର୍ବାଚନୀ ବୈତରଣୀ ପାର ହେବା କଷ୍ଟକର ବ୍ୟାପାର। ଏସବୁ ସତ୍ତ୍ୱେ ବିଜୟ କୁମାର ସାମନ୍ତରାୟ ନିଜର ବିଜୟ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏ ନେଇ ଭଗବାନ ସ୍ୱାଇଁ ନାମକ ଜଣେ ଭୋଟର କୁହନ୍ତି, ୨୦୧୭ ନିର୍ବାଚନ ସମୟରେ ବିଜେଡି ବିରୋଧରେ ହାୱା ବହିଥିଲା। ହେଲେ ନିର୍ବାଚନ ପୂର୍ବ ରାତି ସବୁ କିଛି ଓଲଟପାଲଟ ହୋଇଗଲା। ଚଳିତ ନିର୍ବାଚନରେ ଯେପରି ଟଙ୍କା ବଣ୍ଟା ଚାଲିଛି ହାୱା ଥିଲେ କ'ଣ ନ ଥିଲେ କ'ଣ। ଭୋଟର ବିଜେଡି ବିରୋଧରେ କହୁଥିବେ। ଭୋଟ ଦେଲା ବେଳକୁ ଦରକାର ପଡିଲେ ବଦଳି ଯିବେ। ଏଣୁ ଭୋଟ ଗଣତି ପରେ ଭୋଟରଙ୍କ ମତିଗତି ଜଣାପଡିବ। ଭାପୁରରେ ବିଜେଡି ବିରୋଧରେ ଭୋଟର ରାଗିକି ଅଛନ୍ତି। ଗାଁରେ ବିକାଶ ନାଁରେ ଫଲସ ବିଲ୍ କରାଯାଇଛି। କୌଣସି ଗାଁରେ କିଛି ଭଲ କାମ ହୋଇନାହିଁ ବୋଲି ଅଭିଯୋଗ ଉଠୁଛି। ରଶ୍ମୀରେଖା ନାମ୍ନୀ ଭୋଟର କୁହନ୍ତି, ବିଜେଡିର ଅରାଜକତା ଦଳକୁ ଭାପୁର ବ୍ଲକରେ ବଦନାମ କରି ପକାଇଛି। ହେଲେ ବିରୋଧୀ ଏହାର ଫାଇଦା ଉଠାଇ ପାରୁନାହାନ୍ତି। ଦେଖାଯାଉ ଏହି ନିର୍ବାଚନରେ ବିରୋଧୀ କିପରି ଫାଇଦା ଉଠାଉଛନ୍ତି।

## ରାଜନୈତିକ ଶତ୍ରୁତା ନେଇ ହତ୍ୟା ଉଦ୍ୟମ

ଦିଗପହଣ୍ଡି,(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତର ଚାନ୍ଦପଲି ଗ୍ରାମରେ ସୋମବାର ରାଜନୈତିକ ଶତ୍ରୁତାରୁ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଆହାତ ବ୍ୟକ୍ତି ଜଣକ ହେଲେ ଚାନ୍ଦପଲି ଗ୍ରାମର ରାଜେନ୍ଦ୍ର ବିଶ୍ୱାଳ। ତାଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ରାଜେନ୍ଦ୍ର ପୋଖରୀରୁ ଫେରୁଥିବା ବେଳେ ଜଣେ ବ୍ୟକ୍ତି ପଞ୍ଚାୟତ ନିର୍ବାଚନକୁ ନେଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଉଭୟ ମଧ୍ୟରେ କିଛି ସମୟ ଧରି ପାଟିତୁଣ୍ଡ ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଏକ କାତିରେ ରାଜେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ।

### ସଂକ୍ଷେପରେ

## ମାଛଧରା ଜାଲ ପୋଡ଼ି ଘଟଣାରେ ୨ ଗିରଫ

ଚିକିଟି,୨୧।୨(ଡି.ଏନ.ଏ.):ଚିକିଟି ବ୍ଲକ ଅନ୍ତର୍ଗତ ପାଟିସୁନପୁର ଗ୍ରାମର ଶେଷ ମୁଣ୍ଡରେ ଥିବା ସାଇମନ୍ଦିର ନିକଟସ୍ଥ ଏକ ଘରେ ରଖାଯାଇଥିବା ମାଛ ଧରା ଜାଲ ପୋଡି ଦେବା ଘଟଣାରେ ସୋମବାର ୨ଜଣଙ୍କୁ ସୁନପୁର ସାମୁଦ୍ରିକ ଥାନା ପୋଲିସ ବ୍ରହ୍ମପୁର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରଙ୍ଗନାଥ ପଲେଇ ଓ ବି କୋଟେସ। ସୁନପୁର ଗ୍ରାମର ଶେଷ ମୁଣ୍ଡରେ ଏକ ଘରେ ରଖାଯାଇଥିବା ମାଛ ଧରା ଜାଲକୁ ପୋଡି ଦେଇଥିଲେ। ଏନେଇ ସାମୁଦ୍ରିକ ଥାନାରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ଓଲୟା ପକ୍ଷରୁ ରବିବାର ଏତଲା ଦେବା ପରେ ପୋଲିସ ନଂ. ୩/୨୨ରୁଜୁ କରିଥିଲା।। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଶୀଘ୍ର କାବୁ କରାଯିବ ବୋଲି କହିଛନ୍ତି।

## ଗୁହାଳରେ ନିଆଁ, ୯ ମଇଁଷି ଆହତ

ପାତ୍ରପୁର, ୨୧।୨(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ବି. ନୂଆଗାଁ ଗ୍ରାମରେ ୨୦ରୁ ଉର୍ଦ୍ଧ୍ୱ ମଇଁଷି ଥିବା ଗୁହାଳରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୯ ମଇଁଷି ଆହତ ହୋଇଛନ୍ତି। ରବିବାର ମଧରାତ୍ରରେ ଏମ୍ କୁତୁଲୀଙ୍କ ଗୁହାଳରେ ନିଆଁ ଲାଗିଥିବାର ଗ୍ରାମବାସୀ ଦେଖି ପାତ୍ରପୁର ଦମକଳ ବାହିନୀକୁ ଜଣାଇଥିଲେ। ପାତ୍ରପୁର ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ଏ ନେଇ ଜରଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସର ତନାଘନା ପରେ କିଏ ନିଆଁ ଲଗାଇଛି ତାହା ଜଣାପଡ଼ିବ ବୋଲି ଥାନାଧିକାରୀ ଭବାନନ୍ଦ ପ୍ରଧାନ କହିଛନ୍ତି।

## ବିଦେଶୀ ମଦ ଜବତ, ଜଣେ ଗିରଫ

ଗଞ୍ଜାମ,୨୧।୨(ଡି.ଏନ.ଏ.): ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ପୋଟଲାମପୁର ଅଞ୍ଚଳର ଲିଲୁ ରାଉଲଙ୍କୁ ଗଞ୍ଜାମ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ଦୁଇପେଟି ବିଦେଶୀ ମଦ ଜବତ କରାଯାଇଥିବା ଥାନା ସେକେଣ୍ଡ ଅଫିସର ଅଜିତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ନଂ.୨୭/୨୨ରେ ମାମଲା ରୁଜୁ କରାଯାଇଛି। ପୋଲିସ ପାଟ୍ରୋଲିଂ ବେଳେ ମଦ ଜବତ କରାଯାଇଛି ।

## ଫଲ୍‌ଗୁ ସାହିତ୍ୟ ସଂସଦର ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର ଅଫିସ,୨୧।୨-ଫଲ୍‌ଗୁ ସାହିତ୍ୟ ସଂସଦ ପକ୍ଷରୁ ସୋମବାର ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଂସଦ ସଭାପତି ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ସଭାପତିତ୍ୱ କରିଥିଲେ। ଦେବୀ ପ୍ରସନ୍ନଙ୍କ ବିୟୋଗରେ ଜଣେ ଆଦର୍ଶ ଛାତ୍ର ଓ ଉତ୍ତମ ବନ୍ଧୁଙ୍କୁ ହରାଇ ମ୍ରିୟମାଣ ବୋଲି ସଭାପତି କହିଥିଲେ। ପ୍ରଫେସର ପଟ୍ଟନାୟକଙ୍କ ବିୟୋଗ ଅପୂରଣୀୟ କ୍ଷତି ବୋଲି ସମ୍ପାଦକ ଡ.ସାଗର ରଞ୍ଜନ ତ୍ରିପାଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପ୍ରଫେସର ରମାରମଣ ପାଢ଼ୀ, ଉପସଭାପତି ଡ.ବିଦ୍ୟୁତପ୍ରଭା ସାହୁ, ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ, କୋଷାଧକ୍ଷ ପ୍ରଫେସର ସନ୍ତୋଷ କୁମାର ଦାଶ, ଅମିତା ମିଶ୍ରଙ୍କ ସମେତ ସୁନୀଲ କୁମାର ଚୌଧୁରୀ, ଆଶୁତୋଷ ପାତ୍ର, ସୁରେଶ କୁମାର ମହାପାତ୍ର ଓ ସ୍ୱର୍ଣ୍ଣମୟୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ହିଞ୍ଜିଳିକାଟୁ,୨୧।୨(ଡି.ଏନ.ଏ): ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡା ବିଲସାହି ବାସିନ୍ଦା ରଘୁନାଥ ବେହେରାଙ୍କ ଘରେ ସୋମବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିଯାଇଛି । ଅଗ୍ନିକାଣ୍ଡରେ ଘରର ଟିଭି, ଫ୍ରିଜ ଆଦି ବୈଦ୍ୟୁତିକ ଉପକରଣ ସମେତ ଅନ୍ୟାନ୍ୟ ଆସବାବପତ୍ର ପୋଡି ଯାଇଛି । ଖବର ପାଇ ହିଞ୍ଜିଳିକାଟୁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିଦ୍ୟୁତ୍ ସର୍ଟ ଶର୍କିଟରୁ ଏପରି ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

## କରପଡ଼ାରେ ଯୁବକଙ୍କୁ ଛୁରାମାଡ଼

ଦିଗପହଣ୍ଡି,୨୧।୨(ଡି.ଏନ.ଏ.):ଦିଗପହଣ୍ଡି ଥାନା କରପଡା ଗ୍ରାମରେ ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରାମାଡ଼ କରାଯାଇଛି। କରପଡା ଗ୍ରାମର ରିତେଶ ପ୍ରଧାନ ନିକଟସ୍ଥ ପଞ୍ଚାୟତର ଜଣେ ଯୁବତୀଙ୍କୁ ଭଲ ପାଇ ଆସିବା ସହ ତାଙ୍କୁ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପୁଅର ଏଭଳି ନିଷ୍ପତ୍ତିକୁ ଗ୍ରହଣ କରି ନପାରି ପରିବାର ଲୋକେ ବାରମ୍ବାର ତାଙ୍କ ଉପରେ ଆକ୍ରମଣ କରୁଥିବା ରିତେଶ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ରବିବାର ରାତିରେ ତାଙ୍କ ଭାଇଁ ଛୁରାମାଡ କରିବା ପରେ ଅନ୍ୟ ସଦସ୍ୟମାନେ ମଧ ଆକ୍ରମଣ କରିଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ପରେ ରିତେଶ ସୋମବାର ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ପୋଲିସ ନଂ. ୮୮/୨୨ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ବସନ୍ତ କୁମାର ସେଠୀ ଜଣାଇଛନ୍ତି।

# ପଞ୍ଚାୟତ ନିର୍ବାଚନ ପରବର୍ତ୍ତୀ ହିଂସା, ଜଣେ ଆହତ

- ଖଇରପଟିରେ ଉତ୍ତେଜନା, ଫୋର୍ସ ମୁତୟନ
- ଦେଶୀ ବନ୍ଧୁକ ସହ ୩ ଗିରଫ

ନୟାଗଡ଼ ଅଫିସ,୨୧।୨

ନୟାଗଡ଼ ନିର୍ବାଚନ ମଣ୍ଡଳୀ ଇଟାମାଟି ଥାନା କେନ୍ଦୁଡ଼ିପି ପଞ୍ଚାୟତର ଖଇରପଟିରେ ନିର୍ବାଚନ ପରବର୍ତ୍ତୀ ହିଂସା ସୋମବାର ଦେଖିବାକୁ ମିଳିଛି। ଭୋଟ ନ ଦେବାରୁ ଖଇରପଟି ଗାଁର ରାଜୀବ ରାଉତ(୩୦)ଙ୍କୁ ମିଳିତ ଆକ୍ରମଣ କରାଯାଇଛି। ରାଜୀବ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ କେନ୍ଦୁଡ଼ିପିରେ ଉତ୍ତେଜନା ଦେଖାଦେଇଛି। ଦୁଇ ସରପଞ୍ଚ ପ୍ରାର୍ଥୀଙ୍କ ଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ସଂଘର୍ଷକୁ ଏଡାଇବା ପାଇଁ ଖଇରପଟିରେ ଫୋର୍ସ ମୁତୟନ ହୋଇଛନ୍ତି। କେନ୍ଦୁଡ଼ିପିରେ ପୋଲିସର ପହରା ଜାରି ରହିଛି। ଏ ନେଇ କେନ୍ଦୁଡ଼ିପି ପଞ୍ଚାୟତର ସରପଞ୍ଚ ସୁଷମା ବେହେରାଙ୍କ ସ୍ୱାମୀ ଆରତ ବେହେରାଙ୍କ ସମେତ ୧୧ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ କେନ୍ଦୁଡ଼ିପି ଗାଁର ମନୋଜ ବେହେରା (୩୦), ଜଗନ ନାୟକ (୨୫), ବସନ୍ତ ବେହେରା (୩୬) ଗିରଫ କରାଯାଇଛି।



ଆହତ ରାଜୀବ ରାଉତ।

ବସନ୍ତଙ୍କଠାରୁ ପୋଲିସ ଏକ ଦେଶୀ ବନ୍ଧୁକ ଜବତ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, କେନ୍ଦୁଡ଼ିପି ପଞ୍ଚାୟତରେ ସରପଞ୍ଚ ସୁଷମା ବେହେରା ଅଛନ୍ତି। ସୁଷମା ପୁଣି ୨୦୨୨ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ଏଠାରେ ବୀରେନ ନାୟକ ସୁଷମାଙ୍କୁ କଡା ଟକ୍କର ଦେଉଛନ୍ତି। ଉଭୟ ଶାସକ ଦଳର ଦୁଇ ସମର୍ଥିତ ପ୍ରାର୍ଥୀ। ବୀରେନଙ୍କ ସମର୍ଥକ ଖଇରପଟିର ରାଜୀବ ରାଉତ। ରାଜୀବ ଗାଁରେ ଥିବାବେଳେ ସୋମବାର ସୁଷମାଙ୍କ ସ୍ୱାମୀ ଆରତ ବେହେରା ଖଇରପଟି ଯାଇଥିଲେ। ସୁଷମାଙ୍କୁ ଭୋଟ ନ ଦେଇ କାହିଁକି ବୀରେନଙ୍କୁ ଭୋଟ ଦେଲ ବୋଲି ଆରତ ପଚାରି ଥିଲେ। ରାଜୀବ କିଛି କହିବା ପୂର୍ବରୁ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା।

### ନାଟୁଗାଁ, ଗଦାଧରପ୍ରସାଦରେ ଉତ୍ତେଜନା

ଇଟାମାଟି ଥାନାର ନାଟୁଗାଁ, ଗଦାଧରପ୍ରସାଦରେ ନିର୍ବାଚନ ପରବର୍ତ୍ତୀ ଗଣ୍ଡଗୋଳ ହୋଇଛି। ମତଦାନକୁ ନେଇ ଗଦାଧରପ୍ରସାଦରେ ରବିବାର ମାରପିଟ୍ ହୋଇଛି। ପରେ ଉତ୍ତେଜନା ଲାଗି ରହିଛି। ସୋମବାର ନାଟୁଗାଁରେ ପୁଣି ମାରପିଟ୍ ଆରମ୍ଭ ହୋଇଛି। ଏ ନେଇ ଇଟାମାଟି ଥାନା ଅଧିକାରୀ ରମେଶ ଦେବତା କୁହନ୍ତି, ଖଇରପଟି ଓ ଗଦାଧରପ୍ରସାଦ ଗଣ୍ଡଗୋଳ ଘଟଣାରେ ୨ଟି ମାମଲା ହୋଇଛି। ୩ଜଣ ଗିରଫ ସହ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ନାଟୁଗାଁରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରୁଛି।

## ବସ୍ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୧।୨

ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ବାଲିପଡ଼ା ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବସ ଧକ୍କାରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବନ୍ଧପଲି ପଞ୍ଚାୟତ ବେଲପଡା ଗ୍ରାମର ବଳି ମଲିକ ଓ ତାଙ୍କ ସ୍ତ୍ରୀ ସମ୍ବରୀ ମଲିକ। ପୋଲିସ ଏ ସଂକ୍ରାନ୍ତରେ ନଂ.୯୧/୨୨ରେ ଏକ ମାମଲା ରୁଜୁ କରିଛି। ଦୁର୍ଘଟଣା ପରେ ବସ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବସକୁ ପୋଲିସ ଜବତ କରିଛି। ମିଳିଥିବା ସୂଚନାନୁଯାୟୀ, ବଳି ଓ ତାଙ୍କ ସ୍ତ୍ରୀ କୌଣସି କାମରେ ଦିଗପହଣ୍ଡି ବାସୁଦେବପୁରକୁ ଯାଇଥିଲେ। କାମ ସାରି ସେମାନେ ନିଜ ଗ୍ରାମକୁ ଏକ ଗାଡ଼ି ଯୋଗେ ଘରକୁ ଫେରୁଥିଲେ। ବାଲିପଡ଼ା ନିକଟରେ ଏକ ଯାତ୍ରୀବାହି ବସ ତାଙ୍କ ଗାଡ଼ି ପଛପଟକୁ ଧକ୍କା ଦେଇଥିଲା। ଫଳରେ ଦମ୍ପତି ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସେହି ଘଟଣାସ୍ଥଳରେ ବଳିଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସମ୍ବରୀଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ତାଙ୍କ ଝିଅ ସଦର ଥାନାରେ ପହଞ୍ଚି ଏତଲା ଦେଇଥିବା ପୋଲିସ ସୂଚନା ଦେଇଛି।

# ହିଂସା ମୁକ୍ତ ନିର୍ବାଚନ ପାଇଁ ଫ୍ଲାଗ୍‌ମାର୍ଚ୍ଚ



ଗଞ୍ଜାମ ଏସ୍‌ପି ଓ ପୋଲିସର ଫ୍ଲାଗମାର୍ଚ୍ଚ।

ଜଗନ୍ନାଥପ୍ରସାଦ,୨୧।୨(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଅଞ୍ଚଳରେ ମଙ୍ଗଳବାର ହେଉଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସୋମବାର ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ପଞ୍ଚାୟତରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ ଓ ଆଡିସନାଲ ଏଏସପି ବି.କେ ମଲ୍ଲିକ, ଭଞ୍ଜନଗର ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଜଗନ୍ନାଥପ୍ରସାଦ ଥାନାଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ, ପାଟପୁର ଥାନାଧିକାରୀ ସବ୍ୟସାଚୀ ମହ୍ଲ, ବୁଗୁଡ଼ା ଥାନାଧିକାରୀ ଚିତ୍ତରଞ୍ଜନ ବେହେରା, ସୋରଡ଼ା ଥାନାଧିକାରୀ ରମେଶ ପ୍ରଧାନ, ଭଞ୍ଜନଗର ଥାନାଧିକାରୀ ଧୀରଜ କୁମାର ଦାସ ଏଥିରେ ସାମିଲ ଥିଲେ। ଜଗନ୍ନାଥପ୍ରସାଦ ବ୍ଲକରେ ହିଂସାମୁକ୍ତ ଓ ନିର୍ବାଚନ ପରିଚାଳନା, ପୋଲିସ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି।

## ସାପ୍ତାହିକ ହାଟରେ ତିନି ଦଳର ପ୍ରଚାର

ରାଇକିଆ,୨୧।୨(ଡି.ଏନ୍.ଏ)

ଆଉ ଦୁଇ ଦିନ ପରେ ରାଇକିଆରେ ହେବ ମତଦାନ। ଏଥିପାଇଁ ପ୍ରମୁଖ ରାଜନୀତିକ ଦଳଗୁଡ଼ିକର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୋମବାର ସାପ୍ତାହିକ ହାଟରେ ତିନି ଦଳ ଜୋର୍ ସୋରରେ ପ୍ରଚାର କରିଛନ୍ତି । ଭାଜପା ପକ୍ଷରୁ ବସ୍‌ଷ୍ଟାଣ୍ଡଠାରେ ଏକ ନିର୍ବାଚନୀ ସଭାରେ ଭାଜପା ରାଜ୍ୟ ସଭାପତି ସମିର ମହାନ୍ତି ଯୋଗ ଦେଇ ଉଭୟ ଜୋନର ଭାଜପା ପ୍ରାର୍ଥୀ ସନ୍ତୋଷ ଲେଙ୍କା ଏବଂ ଜୁଲିମା ଦଳ ବେହେରାଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଉଭୟ ଜୋନ୍‌ରେ ଭାଜପା ପକ୍ଷରୁ ବାଇକ୍ ରାଲି ମଧ ଅୟୋଜନ କରାଯାଇଥିଲା। ଯୁବ ବିଜେଡି ପକ୍ଷରୁ ମଧ ଏକ ପଦଯାତ୍ରାର ଅୟୋଜନ କରାଯାଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ୧୭ ନଂ ଜୋନର ବିଜେଡି ପ୍ରାର୍ଥୀ ସୁନନ୍ଦା ବେହେରାଙ୍କ ପାଇଁ ଭୋଟ ନିବେଦନ କରିଥିଲେ। କଂଗ୍ରେସ ପକ୍ଷରୁ ମଧ ବାଇକ ରାଲି ଅୟୋଜନ କରଯାଇଥିଲା। ଦଳୀୟ ପ୍ରାର୍ଥୀ ସତ୍ୟବାନ ପାତ୍ରଙ୍କ ପାଇଁ ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ରାଲିରେ ସାମିଲ ହୋଇ ପ୍ରଚାର କରିଥିଲେ।

## ସୁନାପୁରରେ ଆତଙ୍କରାଜ ଘଟଣା ସମିତି ସଭ୍ୟ ପ୍ରାର୍ଥୀଙ୍କ ସମେତ ୬ ଗିରଫ

ଚିକିଟି,୨୧।୨(ଡି.ଏନ.ଏ.):

ଚିକିଟି ବ୍ଲକ ୧୮ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ସୁନାପୁର ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ଗୋବିନ୍ଦ ବେହେରା ଗତ ଶୁକ୍ରବାର କେତେଜଣ ଅସାମାଜିକ ଯୁବକଙ୍କ ସହ ୪ଟି ବାଇକରେ ସୁନାପୁର ଗାଁକୁ ଆସି ଗାଳିଗୁଲଜ କରିଥିଲେ। ଏହି ଘଟଣାରେ ସୋମବାର ସମିତିସଭ୍ୟ ପ୍ରାର୍ଥୀଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇ ବ୍ରହ୍ମପୁର କୋର୍ଟ ଚାଲାଣ କରାଯାଇଥିବା ମେରାଇନ ଥାନା ଅଧିକାରୀ କହିଛନ୍ତି। ସେମାନେ ହେଲେ ସମିତି ସଭ୍ୟ ପ୍ରାର୍ଥୀ ଗୋବିନ୍ଦ ବେହେରା, ଦୟାନିଧି ବେହେରା, ଦିଲୀପ କୁମାର ମଲ୍ଲୁ, ଶଶୀଦେବ ନାୟକ, ବିପିନ ନାୟକ ଓ ଦିବାକର ନାୟକ। ସୂଚନାଯୋଗ୍ୟ, ଗୋବିନ୍ଦ ଓ ଅନ୍ୟମାନେ ବାଇକ୍‌ରେ ଆସି ସୁନାପୁରରେ ସାହି ସାହି ବୁଲି ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଗ୍ରାମବସୀ ଏକଜୁଟ ହୋଇ ଗୋବିନ୍ଦଙ୍କୁ ପିଟିବା ପରେ ସମସ୍ତେ ପଳାଇ ଯାଇଥିଲେ। ଏ ନେଇ ମେରାଇନ ଥାନାରେ ଗ୍ରାମର ମିତ୍ର ବେହେରାଙ୍କ ଅଭିଯୋଗ କ୍ରମେ ନଂ.୪/୨୦୨୨ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା

ପାରଳାଖେମୁଣ୍ଡି,୨୧।୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ସଭା ବଡ଼ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଲକ୍ଷ୍ମୀନୃସିଂହ ରଥଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ମୁଖ୍ୟ ଅତିଥି ଭାବେ ମଠ ମହନ୍ତ ଜୋସଦା ନନ୍ଦନ ଯୋଗ ଦେଇଥିଲେ। ବିଚିତ୍ରା ନନ୍ଦ ବେବର୍ତ୍ତା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ହରିମୋହନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ଷ୍ଟେଶନ ଉଚ୍ଚତା ବୃଦ୍ଧି, ଜିଲା ମୁଖ୍ୟ ଚିକିତ୍ସାଳୟରେ ୪ଟି ଶଯ୍ୟା ଓ ଆଇସିୟୁ ୱାର୍ଡ ବରିଷ୍ଠ ନାଗରିକଙ୍କ ପାଇଁ ସଂରକ୍ଷିତ ରଖିବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଅବ୍ୟବହୃତ ଏକ ପ୍ରାଥମିକ ବିଦ୍ୟାଳୟ ଗୃହକୁ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟାଳୟ ନିମନ୍ତେ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।




ମଞ୍ଚାସୀନ ସଂଘ କର୍ମକର୍ତ୍ତା।

# ଆଜି କନ୍ଧମାଳର ୩ ବ୍ଲକରେ ଭୋଟଗ୍ରହଣ

ଫୁଲବାଣୀ ଅଫିସ, ୨୧।୨

କନ୍ଧମାଳ ଜିଲାରେ ମଙ୍ଗଳବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ । ଜିଲାର ଚକାପାଦ, ଟିକାବାଲି ଓ ଜି.ଉଦୟଗିରି ବ୍ଲକର ଭୋଟରମାନେ ସେମାନଙ୍କ ମତ ସାବ୍ୟସ୍ତ କରିବେ । ଏହି ୩ଟି ବ୍ଲକରେ ଜିଲା ପରିଷଦ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୭୯୧ ଜଣ ନିର୍ବାଚନ ଲଢୁଛନ୍ତି । ଚକାପାଦ ବ୍ଲକର କିଛି ଅଞ୍ଚଳ ମାଓବାଦୀ ପ୍ରବଣ ହୋଇଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ୩ଟି ବ୍ଲକର ୩୧ଟି ପଞ୍ଚାୟତରେ ୧ ଲକ୍ଷ ୨ ହଜାର ୨୫୧ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଟିକାବାଲି ବ୍ଲକର ୧୧ଟି ପଞ୍ଚାୟତରେ ୨୬୩ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨ ଜିଲା ପରିଷଦ ସଭ୍ୟ ପଦବୀ ଲାଗି ୭ଜଣ ପ୍ରାର୍ଥୀ ରହିଥିବା ବେଳେ ୪୨ ସରପଞ୍ଚ, ୩୯ ସମିତି ସଭ୍ୟ, ଏବଂ ୧୭୫ ଜଣ ୱାର୍ଡ ମେମ୍ବର ପ୍ରାର୍ଥୀ ଅଛନ୍ତି।

ଭୋଟ ଗ୍ରହଣ ଲାଗି ୧୭୫ଟି ବୁଥ୍ କରାଯାଇଛି । ୩୬ ହଜାର ୫୦୯ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ । ସେହିପରି ଚକାପାଦ ବ୍ଲକର୧୨ଟି ପଞ୍ଚାୟତରେ ୩୩୫ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ସେମାନଙ୍କ ମଧ୍ୟରେ ଜିଲା ପରିଷଦରେ ୪ ଜଣ, ୪୪ ସରପଞ୍ଚ, ୩୮ ସମିତି ସଭ୍ୟ, ୨୪୯ ୱାର୍ଡ ମେମ୍ବର ପ୍ରାର୍ଥୀ ଅଛନ୍ତି। ୩୬,୮୩୨ ଜଣ ଭୋଟର ୧୯୯ଟି ବୁଥ୍‌ରେ ମତଦାନ କରିବେ । ଜି.ଉଦୟଗିରି ବ୍ଲକର ୮ ପଞ୍ଚାୟତରେ ୧୯୩ ଜଣ ପ୍ରାର୍ଥି ନିର୍ବାଚନ ମଇଦାନରେ ଅଛନ୍ତି । ସେମାନଙ୍କ ମଧ୍ୟରେ ଜିଲା ପରିଷଦରେ ୩, ସରପଞ୍ଚ ୩୧, ସମିତିସଭ୍ୟ ୩୬ ଓ ୧୨୬ ୱାର୍ଡ ମେମ୍ବର ପ୍ରାର୍ଥୀ ରହିଛନ୍ତି। ୧୧୨ଟି ବୁଥ୍‌ରେ ୨୮ ହଜାର ୯୦୧ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ । ନିର୍ବାଚନ ଲାଗି ସମସ୍ତ ପୋଲିଂ ପାର୍ଟି ନିଜ ବୁଥ୍‌ରେ ପହଞ୍ଚିଛନ୍ତି ।

## ୧୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ଆର.ଉଦୟଗିରି,୨୧।୨(ଡି.ଏନ୍.ଏ.)

ଅଡ଼ବା ପୋଲିସ ରବିବାର ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍‌ରୁ ୧୦ କେଜି ୯୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗିଲାକୁଟ ଗ୍ରାମର ଆଦମ ମାଝି ଓ ଖାରିଗୁଡା ଗ୍ରାମର ସମିର ନାୟକଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଗଞ୍ଜେଇ ଅନ୍ତବା ଅଞ୍ଚଳରୁ ଏକ ଜଙ୍ଗଲ ରାସ୍ତା ଦେଇ ବ୍ରହ୍ମପୁରରେ ବିକ୍ରି ନିମନ୍ତେ ଯାଉଥିଲା। ଅଡ଼ବା ପୋଲିସ ଡେଙ୍ଗାମା ଛକରେ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏ ନେଇ ଥାନାରେ ନଂ. ୩୨/୨୨ ରୁଜୁ ହୋଇଛି।

## ସାପ କାମୁଡ଼ାରେ ଜଣେ ମୃତ

ଶେରଗଡ଼,୨୧।୨(ଡି.ଏନ.ଏ.)

ଶେରଗଡ଼ ବ୍ଲକ କୁମାରପାଣି ଗ୍ରାମରେ ସୋମବାର ସାପ କାମୁଡ଼ାରେ ଅଭିମନ୍ୟୁ ପ୍ରଧାନ(୬୦)ଙ୍କ ମୃତ୍ୟୁ ଘଟିଛି। ଅଭିମନ୍ୟୁ ନିଜ ବିଲକୁ ମୁଗ ଫସଲ ଦେଖିବାକୁ ଯାଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ଅଭିମନ୍ୟୁଙ୍କୁ ଶେରଗଡ଼ ଡାକ୍ତରଖାନା ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷାଣା କରିଥିଲେ।

## ଜି.ଉଦୟଗିରି: ୧୧୨ କେନ୍ଦ୍ରରେ ହେବ ମତଦାନ

ଜି.ଉଦୟଗିରି,୨୧।୨(ଡି.ଏନ.ଏ.)

ଚତୁର୍ଥପର୍ଯ୍ୟାୟ ମତଦାନ ପାଇଁଜି.ଉଦୟଗିରି ବ୍ଲକର ୧୧୨ ମତଦାନ କେନ୍ଦ୍ରରେ ପହଞ୍ଚିଛନ୍ତି ପୋଲିଂ ପାର୍ଟି। ଏଥିପାଇଁ ଜି.ଉଦୟଗିରି ବ୍ଲକ ନିକଟରେ ଥିବା ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ବେଳେ ରବିବାର ରାତିରେ ସମସ୍ତ ପ୍ରକାର ନିର୍ବାଚନୀ ସରଞ୍ଜାମ ସହ ପୋଲିଂ ପାର୍ଟି ମତଦାନ କେନ୍ଦ୍ରରେ ପହଞ୍ଚିଛନ୍ତି। ରାତି ପାହିଲେ ମତଦାନ। ତିନି ପ୍ରମୁଖ ରାଜନୈତିକ ଦଳର ଜିଲା ପରିଷର ପ୍ରାର୍ଥୀଙ୍କ ସହିତ ୧୯୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨୮୯୧୦ ମତଦାତା। କେବଳ ତଲାଗିମାହା ପଞ୍ଚାୟତକୁ ଛାଡି ଅନ୍ୟ ସାତଟି ପଞ୍ଚାୟତରେ ପୁରୁଷ ମତଦାତାଙ୍କଠାରୁ ମହିଳା ମତଦାତାଙ୍କ ସଂଖ୍ୟା ଅଧିକ ଅଛନ୍ତି। ଜି.ଉଦୟଗିରି ବ୍ଲକର ୮ ପଞ୍ଚାୟତରେ ୧୧୨ ବୁଥ୍ ରହିଥିବା ବେଳେ ସବୁଠାରୁ ଅଧିକ ବୁଥ ରହିଛି କଳିଙ୍ଗା ପଞ୍ଚାୟତରେ। ବ୍ଲକରେ ୧୧୨ ବୁଥ୍ ମଧ୍ୟରୁ ୫୧ ବୁଥ୍ ସମ୍ବେଦନଶୀଳ ବୁଥ୍ ରହିଥିବା ବେଳେ ସେଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ବୋଲି କହିଛନ୍ତି ନିର୍ବାଚନ ଅଧିକାରୀ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମାତୃଭାଷା ଦିବସ

ବ୍ରହ୍ମପୁର ଅଫିସ,୨୧।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ସୋମବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗର ଡ.ସଦାନନ୍ଦ ନାୟକ, ଡ.ଦେବୀ ପ୍ରସାଦ ଶତପଥୀ ଓ ଡ.ସମୀର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଜଣେ ଓଡ଼ିଆ ଭାବେ ପ୍ରତ୍ୟେକ ଲୋକଙ୍କୁ ନିଜ ମାତୃଭାଷାକୁ ନେଇ ଗର୍ବ ଅନୁଭବ କରିବା ସହ ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବା ଓଡ଼ିଶାବାସୀଙ୍କ ଦାୟିତ୍ୱ ଏବଂ ଏ ଦିଗରେ ଓଡ଼ିଆ ଛାତ୍ରୀଛାତ୍ର ଓ ଗେବଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇସାରିଲାଣି ଓ ଏହା ବହୁ ପୁରାତନ ଇଣ୍ଡୋ-ଆର୍ଯ୍ୟନ ଭାଷା ମାନ୍ୟତା ମଧ ପାଇସାରିଛି। ଏଣୁ ନିଜ ମାତୃଭାଷା ପ୍ରତି ଅହେତୁକ ଶ୍ରଦ୍ଧା ରହିବା ଅନିବାର୍ଯ୍ୟ ବୋଲି ପ୍ରଫେସର ସ୍ୱାଇଁ ଓ ଅନ୍ୟମାନେ ମତ ଦେଇଥିଲେ।

## ବୋମା, ଗୁଳି ଫୁଟିଥିବା ନେଇ ଅଭିଯୋଗ



ଜବତ ହୋଇଥିବା ବାଇକ୍।

ଖଲ୍ଲିକୋଟ.୨୧।୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ବଧିନୂଆପଲି ପଞ୍ଚାୟତର ମର୍ଦ୍ଦରାଜପୁର ଗ୍ରାମରେ ରବିବାର ରାତିରେ ବୋମା ଓ ଗୁଳି ଫୁଟିଥିବା ନେଇ ସ୍ଥାନୀୟ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମରେ ବିଜେଡି ସମର୍ଥିତ ଦୁଇ ତିନି ଯୁବକ ଆସି ପେଟ୍ରୋଲ ବୋମା ଫୁଟାଇବା ସହ ଗୁଳି ଫୁଟାଇଥିଲେ ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଅପରପକ୍ଷରେ ଭାଜପା କର୍ମୀ ଗଣ୍ଡଗୋଳ କରିଥିବା ବେଳେ ପୋଲିସ ପାଟ୍ରୋଲିଂ ଗାଡ଼ି ଦେଖି ଦୌଡ଼ି ପଳାଇଥିଲେ ବୋଲି ବିଜେଡି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦୁଇଟି ବାଇକକୁ ଜବତ କରି ଉକ୍ତ ଘଟଣାର ତଦନ୍ତ ଜାରି ରହିଛି।

# ଦ୍ୱିତୀୟ ଜାତୀୟ ଯୁବ ସମ୍ବିଧାନ ମହୋତ୍ସବ

ଫୁଲବାଣୀ ଅଫିସ, ୨୧।୨

କନ୍ଧମାଳ ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫୁଲବାଣୀରେ ଦ୍ୱିତୀୟ ଜାତୀୟ ଯୁବ ସମ୍ବିଧାନ ମହୋତ୍ସବ କାର୍ଯ୍ୟକ୍ରମ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୁବ କେନ୍ଦ୍ର ରାଜ୍ୟ ନିର୍ଦ୍ଦେଶକ ବିମଲ ପାତ୍ରିକ ସାହା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ ଜିଲାର ୧୦ ଜଣ ଲେଖାଏ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଇନକ୍ରେଡିବୁଲ ଇଣ୍ଡିଆ, ଆୟୁଷ୍ମାନ ଭାରତ, ବେଟି ବଚାଓ, ବେଟି ପଢ଼ାଓ, ସ୍କିଲ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ସ୍ୱଚ୍ଛ ଭାରତ ଉପରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀମାନେ ଓଡିଆ ଏବଂ ଇଂଲିସ ଭାଷାରେ ବକ୍ତୃତା ଦେଇଥିଲେ। ଭଦ୍ରକର ଦୀପିକା ଗହନ ପ୍ରଥମ, ସତ୍ୟ ସୁନ୍ଦର ପଣ୍ଡା ଦ୍ୱିତୀୟ, ବାଲେଶ୍ୱରର ରାଜଶ୍ରୀ ନାୟକ ପ୍ରଥମ ଓ ସୁଭାଶିଷ ମହାନ୍ତି ଦ୍ୱିତୀୟ, ମୟୂରଭଞ୍ଜର ସତ୍ୟବ୍ରତ ମହାନ୍ତି ପ୍ରଥମ ଓ କିଶାନ କୁମାର ସାହୁ ଦ୍ୱିତୀୟ, ଅନୁଗୋଳର ଖୁସିରାୟ ପ୍ରଥମ ଓ ସନ୍ଦିପ ଶେଖର ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନ୍ଧମାଳ ଜିଲାର ପ୍ରତିଯୋଗୀମାନେ ବୌଦ୍ଧ, ବରଗଡ, ନୂଆପଡା ଜିଲାର ପ୍ରତିଯୋଗୀଙ୍କ ସହ ପ୍ରତିଯୋଗିତା କରିଥିଲେ । ଯାହା କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଆୟୋଜିତ ହୋଇଛି । କନ୍ଧମାଳର ଡେଭଲିନ ପ୍ରିୟଦର୍ଶନୀ ପ୍ରଥମ ଓ ଅନୁପମା କହଁର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ବିଚାରକ ଭାବେ ଡଃ ଅନନ୍ତ ଚରଣ ମିଶ୍ର, ବିଜୟକୃଷ୍ଣ ପଟ୍ଟନାୟକ, ନବୀନ କିଶୋର ପଣ୍ଡା, ଅଧାପକ ଦୁଷନ୍ତ ମାର୍ଥା ପ୍ରମୁଖ ଯୋଗ ଦେଇଥିଲେ । ଯୁବ କେନ୍ଦ୍ର ଅଧିକାରୀ ନଭନୀତ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକର୍ମୀ ସତ୍ୟବାନ ଦଳବେହେରା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରକ ମଣ୍ଡଳୀ।